# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ | Volume- 01

ISSUE - 36 | ସଂଖ୍ୟା-୩୬

ଭୁବନେଶ୍ୱର, ଶୁନିବାର ୨୨, ଫେବୃଆରୀ ୨୦୨୫

Bhubaneswar, Saturday, 22, February 2025

୦୮ ପୃଷ୍ଠା | Pages-08

ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00

E-Mail : satyanews24.bbsr@gmail.com

Like, Follow & Subscribe Satya News24


## ଭାରତୀୟ ଭାଷା ମଧ୍ୟରେ କେବେ ବି ଭେଦଭାବ ହୋଇନାହିଁ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ଭାଷା ହେଉଛି ସଂସ୍କୃତିର ବାହକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ୯୮ତମ ସର୍ବଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀକୁ ଉଦଘାଟନ କରି ଶ୍ରୀ ମୋଦୀ କହିଥିଲେ ଯେ ମହାରାଷ୍ଟ୍ରର ଅନେକ ସାଧୁ ମରାଠୀ ଭାଷାରେ ଭକ୍ତି ଆନ୍ଦୋଳନ ମାଧ୍ୟମରେ ସମାଜକୁ ଏକ ନୂତନ ଦିଗ ଦେଖାଇଛନ୍ତି । ସେ କହିଥିଲେ ଯେ ମରାଠୀ ଭାଷା ଏବଂ ମରାଠୀ ସାହିତ୍ୟ ସମାଜର ଶୋଷିତ ଏବଂ ଅବହେଳିତ ବର୍ଗଙ୍କ ପାଇଁ ସାମାଜିକ ମୁକ୍ତିର ଦ୍ୱାର ଖୋଲିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି । ଭାରତୀୟ ଭାଷା ମଧ୍ୟରେ କେବେ ବି ଭେଦଭାବ ହୋଇନାହିଁ ବୋଲି ସେ କହିଛନ୍ତି । ବରଂ ସେମାନେ ପରସ୍ପରକୁ ସମୃଦ୍ଧ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୮୭୮ ମସିହାରୁ ୧୪୭ ବର୍ଷ ଧରି ଦେଶରେ ସର୍ବଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି । ଦେଶ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକର ୩୫୦ତମ ବାର୍ଷିକୀ ଏବଂ ପୁଣ୍ୟଶ୍ଳୋକ ଅହଲ୍ୟାବାଇ ହୋଲକରଙ୍କ ଜନ୍ମର ୩୦୦ ତମ ବାର୍ଷିକୀ ପାଳନ କରୁଥିବା ବେଳେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ସମ୍ବିଧାନ ନିକଟରେ ୭୫ ବର୍ଷ ପୂରଣ କରିଛି । ତିନି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକମାନଙ୍କ ସହ ଦଳଗତ ଆଲୋଚନା, ପୁସ୍ତକ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏଥିରେ ମରାଠୀ ସାହିତ୍ୟର କାଳଜୟୀ ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରାଯିବ ଏବଂ ସମସାମୟିକ ଆଲୋଚନାରେ ଏହାର ଭୂମିକା ଅନୁସନ୍ଧାନ କରାଯିବ, ଯେଉଁଥିରେ ଭାଷା ସଂରକ୍ଷଣ, ଅନୁବାଦ ଏବଂ ସାହିତ୍ୟକୃତି ଉପରେ ଡିଜିଟାଇଜେସନର ପ୍ରଭାବ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯିବ ।

# ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଲା

- ପ୍ରଥମ ଦିନରେ ଛାତ୍ରଛାତ୍ରୀ ଖୁସ୍
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**କଟକ :** ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ (ମାଟ୍ରିକ୍) ପରୀକ୍ଷା । ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇଛି । ଏଥିଲାଗି ସକାଳ ସାଢ଼େ ୭ଟା ବେଲୁ ପରୀକ୍ଷାକେନ୍ଦ୍ର ସମ୍ମୁଖରେ ଅଭିଭାବକ, ଛାତ୍ରଛାତ୍ରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଶୁକ୍ରବାର ପ୍ରଥମ ଦିନରେ ସାହିତ୍ୟ ଥିବାରୁ ଛାତ୍ରଛାତ୍ରୀମାନେ ବେଶ ଭଲ ମାର୍କର ଉ ର ଦେଇଥିବା ପରୀକ୍ଷା ଫେରନ୍ତା ଛାତ୍ରଛାତ୍ରୀ କହିଛନ୍ତି । ମାଟ୍ରିକ୍ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ମିନିଟରେ ସରିବ । କେବଳ ଗଣିତ ପାଇଁ ଅତିରିକ୍ତ ୧୫ମିନିଟ୍ ମିଳିବ ଓ ଗଣିତ ପରୀକ୍ଷା ୧୧ଟା ୪୫ ମିନିଟରେ ସରିବ । ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫେବୃଆରି ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ । ପ୍ରତିଦିନ ସିଙ୍ଗିଲ ସିଟିଂରେ ବା ଗୋଟିଏ ଦିନରେ ଗୋଟିଏ ପରୀକ୍ଷା ହେବ । ସକାଳ ସାଢ଼େ ୭ଟାରେ ପରୀକ୍ଷା କେନ୍ଦ୍ର ଗେଟ୍ ଖୋଲାଯିବ, ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବ । ତେବେ ସକାଳ ସାଢ଼େ ୯ଟା ପର୍ଯ୍ୟନ୍ତ ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ମିଳିବ । ନୋଡାଲ୍ ସେଣ୍ଟରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ସ୍ଥାନାନ୍ତର କରାଯାଇ ସକାଳ ୮ଟା ମଧ୍ୟରେ କେନ୍ଦ୍ରରେ ପହଞ୍ଚିବ । ଚଳିତ ବର୍ଷ ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫,୨୨,୩୩୬ ଜଣ ଫର୍ମପୂରଣ କରିଥିବା ବେଳେ ତିନିଟିଯାକ ପରୀକ୍ଷା ପାଇଁ ୩୧୩୩ ଟି ପରୀକ୍ଷାକେନ୍ଦ୍ର ଚୟନ ହୋଇଛି । ସେହିପରି ପ୍ରଶ୍ନପତ୍ର ରଖିବା ପାଇଁ ୨୧ଟି ଥାନା, ଗୋଟିଏ ବିଟ୍ ହାଉସକୁ ମିଶାଇ ମୋଟ ୩୧୪ଟି ନୋଡାଲ୍ ସେଣ୍ଟର ସ୍ଥିର ହୋଇଛି । ମାଟ୍ରିକ ପରୀକ୍ଷାରେ ୫,୧୦,୭୭୮ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ଏଥି ପାଇଁ ୨୯୭୯ଟି ପରୀକ୍ଷା କେନ୍ଦ୍ର ରହିଛି । ସେହିପରି ମଧ୍ୟମାରେ ୭୭୬୬ ପରୀକ୍ଷାର୍ଥୀଙ୍କ ପାଇଁ ୧୦୨ଟି ପରୀକ୍ଷା କେନ୍ଦ୍ର ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୩୭୫୨ ଜଣ ପରୀକ୍ଷାର୍ଥୀ ଓ ୫୨ଟି ପରୀକ୍ଷା କେନ୍ଦ୍ର ରହିଛି । ଆଜି ଠାରୁ ଆରମ୍ଭ ହୋଇଛି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ (ମାଟ୍ରିକ୍) ପରୀକ୍ଷା । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମସ୍ତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା



କରିବା ସହ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଏହାଛଡ଼ା ସେମାନେ କିପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଯତ୍ନବାନ ହେବାକୁ ବି ପରାମର୍ଶ ଦେଇଛନ୍ତି । ଏଣେ ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଲାଗି ମୁଖ୍ୟମନ୍ତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

## ଅଧା ରହିଗଲା ଚନ୍ଦ୍ରଶେଖରଙ୍କ ମାଟ୍ରିକ ପରୀକ୍ଷା

ଆଜି ମାଟ୍ରିକ ପରୀକ୍ଷା ଦେବାକୁ ବାହାରୁଥିବା ବେଳେ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ସୋର ଡାକ୍ତରଖାନାକୁ ଆଣିଥିଲେ ମାତ୍ର ସେଠାରେ ଡାକ୍ତର ଛାତ୍ର ଜଣଙ୍କର ମୃତ୍ୟୁ ହୋଇଥିବା କହିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାରିପଦାରେ । ବାରିପଦା ଗ୍ରାମର କୈଳାସ ଚନ୍ଦ୍ର ମାଝୀଙ୍କ ପୁଅ ଚନ୍ଦ୍ରଶେଖର ମାଝୀ (୧୫) ନିକଟସ୍ଥ ଆରୁହାବାଡ଼ ହାଇସ୍କୁଲରେ ପଢନ୍ତି । ଗତ ତିନିଦିନ ତଳେ ଘର ପାଖରେ ଜଣଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ । ସେହିଦିନ ରାତିରେ ପେଟ ଯନ୍ତ୍ରଣା ହେବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରୁ ସାମାନ୍ୟ ସୁସ୍ଥତା ଅନୁଭବ କରିବା ପରେ ଘରକୁ ଯାଇଥିଲେ । ମାତ୍ର ପେଟ ବ୍ୟଥା କମିନଥିବା ବେଳେ ଆଜି ମାଟ୍ରିକ ପରୀକ୍ଷା ଦେବା ପାଇଁ ବାହାରିବା ବେଳେ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ ସୋର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ମାଣ୍ଡିଆରୁ ତିଆରି ହେବ ୱାଇନ

**ଭୁବନେଶ୍ୱର :** ମଦ ମୃତ୍ୟୁକୁ ନେଇ ଓଡ଼ିଶା ରାଜନୀତି ସବୁବେଳେ ସରଗରମ ରହିଛି । କେତେବେଳେ ରାଜ୍ୟରେ ମଦ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଦାବି ହେଉଛି ତ ଆଉ କେତେବେଳେ ମଦକୁ ଗାଁ ଗହଳି ଓ ଧାର୍ମିକ ସ୍ଥାନରୁ ବ୍ୟାନ କରିବାକୁ ଦାବି ହୋଇଆସୁଛି । ଏହାରି ଭିତରେ ମଦକୁ ନେଇ ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା କରିଛନ୍ତି । ଏଣିକି ଓଡିଶାରେ ଗସକ୍ଷ-କ୍ଷରସ୍ୱ ରୁ ତିଆରି ହେବ ମଦ । ଏଥିପାଇଁ ଆଗ୍ରହୀ ମଦ ତିଆରି କମ୍ପାନୀ କୁ ସବସିଡି ଯୋଗାଇବେ ରାଜ୍ୟ ସରକାର । ୨୦୨୫-୨୬ ଅବକାରୀ ପଲିସିକୁ ନେଇ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା ରେ ବସିଥିବା ବୈଠକରେ ଏଭଳି କିଛି ଯୋଜନା ପ୍ରସ୍ତୁତ କରାଯାଇଛି । ଖୁବଶୀଘ୍ର ଏ ନେଇ ରାଜ୍ୟ ଶିଳ୍ପ ବିଭାଗ ସହ ଆଲୋଚନା ହେବ ବୋଲି ସୂଚନା ମିଳିଛି । ମାଣ୍ଡିଆ, ଯଅ, ବାଜରା ଭଳି ଖାଦ୍ୟ ଶସ୍ୟରୁ ମଦ ତିଆରି କରିବାକୁ ଆଗ୍ରହୀ ଥିବା କିଛି କମ୍ପାନୀ ସହ ଏ ନେଇ ହୋଇଛି ଅବକାରୀ ବିଭାଗର ଆଲୋଚନା । ସେହିପରି ମହୁଲିକୁ ଅଧିକ ବିଶୁଦ୍ଧ କରି ବିଭିନ୍ନ ଫ୍ଲେବର ମିଶାଇ ବିଶ୍ୱ ସ୍ତରୀୟ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ଏହା ଦ୍ୱାରା ଅନ୍ୟ ରାଜ୍ୟ ସହ ବିଦେଶକୁ ବି ବଢିବ ଓଡିଶାରେ ତିଆରି ମଦର ରପ୍ତାନି । ଯେଉଁ କମ୍ପାନୀ ମହୁଲ, ମାଣ୍ଡିଆ ରୁ ଉସଭର ପ୍ରସ୍ତୁତ କରିବେ ତାଙ୍କୁ ପ୍ରୋତ୍ସାହନ ଦେବେ ରାଜ୍ୟ ସରକାର ।

# ଓଡ଼ିଶା ପାଇଁ ରେଳ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର

- ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ
- ଯୋଡ଼ା-ବଡ଼ବିଲ, ବଡ଼ବିଲ-ବରଷୁଆଁ ରେଳ ଲାଇନ ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର :** କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ମଞ୍ଜୁର କରାଯାଇଛି ୨୫୦ କିଲୋମିଟର ଦୀର୍ଘ ଗୋପାଳପୁର-ରାୟଗଡା ନୂଆ ରେଳ ଲାଇନ ଓ ନୂଆପଡା-ଗୁଣୁପୁର-ଥେରୁବାଲି ରେଳ ଲାଇନର ଦୋହରୀକରଣ ପାଇଁ ଫାଇନାଲ ଲୋକେସନ ସର୍ଭେ ମଞ୍ଜୁର କରାଯାଇଛି । ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଓଡ଼ିଶା, ବିଶେଷକରି ଦକ୍ଷିଣ ଓଡିଶାରେ ରେଳ ଭିତ୍ତିଭୂମି ସହିତ ଅର୍ଥନୈତିକ ବିକାଶ ଆହୁରି ବ୍ୟାପକ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ଫୋକସ୍ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ବିକାଶର ଯେଉଁ ଲକ୍ଷ୍ୟ ରଖିଛି ତାହା ନିଶ୍ଚୟ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିଲ୍ଲୀ ଗସ୍ତରେ ଥିବା ସମୟରେ ଗତକାଲି କେନ୍ଦ୍ର ରେଳ ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ନୂଆ ପ୍ରକଳ୍ପ ସହିତ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକର ଆଲୋଚନା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଯୋଡ଼ା-ବଡ଼ବିଲ ଓ ଯୋଡ଼ା-ବରଷୁଆଁ ରେଳ ଲାଇନ୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଦ୍ୱାରା ବଡ଼ବିଲ, ଯୋଡ଼ା ଓ କେନ୍ଦୁଝରକୁ ନେଇ ଏକ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା କରୁଛନ୍ତି, ସେଥିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ଦୁଇଟି ରେଳ ଲାଇନ ନିର୍ମାଣର ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ ହୋଇଛି । ଏହାସହିତ ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ସହିତ ଦକ୍ଷିଣ ଓଡ଼ିଶାର ପ୍ରକଳ୍ପ ଗୁଡ଼ିକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ଅର୍ଥନୈତିକ ଅଭିବୃଦ୍ଧିରେ ରେଳ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ବିକାଶର ଗତି ବହୁଗୁଣିତ ହେବା ସହିତ ଅନେକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ।



ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ, ଏହି ଦୁଇଟି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସକରାତ୍ମକ ଦୃଷ୍ଟି ରଖି ପଦକ୍ଷେପ ନେଉଛନ୍ତି । ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କର ସ୍ୱତନ୍ତ୍ର ଫୋକସ୍ ରହିଛି ବୋଲି ସେ କହିଥିଲେ । ଆଗାମୀ ୨୫ ବର୍ଷର ଅମୃତ କାଳରେ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଇଞ୍ଜିନ ଭାବେ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ରେଳ ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି ବୋଲି ସେ କହିଥିଲେ । ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଥିଲେ ଯେ ଓଡ଼ିଶାରେ ବର୍ତ୍ତମାନ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି । ୨୦୧୪ ରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦୪୬ କି.ମି. ନୂଆ ରେଳ ଲାଇନ ନିର୍ମାଣ ହୋଇ ସାରିଛି ଯାହା କି ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟୱର୍କ ଠାରୁ ଅଧିକ । ଶ୍ରୀ ବୈଷ୍ଣବ କହିଥିଲେ ଯେ ଓଡ଼ିଶାର ଜନଜାତି ବହୁଳ ଓ ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ରେଳ ଭିତ୍ତିଭୂମିର ବିକାଶ ଉପରେ କେନ୍ଦ୍ର ସରକାରଙ୍କ ଫୋକସ୍ ରହିଛି । ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର କୋଟି ଟଙ୍କାର ୮ ଟି ନୂଆ ରେଳ ଲାଇନ ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଥିବା ବେଳେ ୫୯ ଟି ରେଳ ଷ୍ଟେସନକୁ ଅମୃତ ଷ୍ଟେସନ ଭାବେ ବିକଶିତ କରାଯାଉଛି । ଏଥିରୁ ୧୬ ଟି ଷ୍ଟେସନ ଆକାଂକ୍ଷୀ ଜିଲ୍ଲାରେ ରହିଛି ବୋଲି ସେ କହିଥିଲେ । ଏହା ସହିତ ପ୍ରଧାନମନ୍ତ୍ରୀ ନିକଟରେ ରାୟଗଡ଼ା ଡିଭିଜନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଥିଲେ । ଆହୁରି ମଧ୍ୟ ଓଡ଼ିଶାରେ ବର୍ତ୍ତମାନ ୬ ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ବୋଲି ସେ କହିଥିଲେ । ଆଗାମୀ ଦିନରେ ରେଳ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାରେ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ।

## ଆଜିଠୁ ସୁଭଦ୍ରା ଶକ୍ତି ମେଳା ଆରମ୍ଭ

### ମାର୍ଚ୍ଚ ୨ ଯାଏଁ ନଅ ଦିନ ଧରି ଚାଲିବ



**ଭୁବନେଶ୍ୱର :** ସୁଭଦ୍ରା ଯୋଜନା ପରେ ମହିଳାମାନଙ୍କ ପାଇଁ ସୁଭଦ୍ରା ଶକ୍ତି ମେଳାର ଆୟୋଜନ କରୁଛନ୍ତି ରାଜ୍ୟ ସରକାର । ଏହି ମେଳାରେ ମିଶନ ଶକ୍ତି ମାଆମାନେ ଯୋଗ ଦେବେ । ବର୍ତ୍ତମାନ ସୁଦ୍ଧା ଏହି ମେଳାର ନାମ ସୁଭଦ୍ରା ଶକ୍ତି ମେଳା ରଖାଯାଇଛି । ଏହି ମେଳାରେ ମିଶନ ଶକ୍ତିର ନାମ ପରିବର୍ତ୍ତନ କରାଯାଇନି । ଆସନ୍ତାକାଲି ଠୁ ଆରମ୍ଭ ହେବ ସୁଭଦ୍ରା ଶକ୍ତି ମେଳା ୨୦୨୫ । ଏନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦତ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରି ହେବ । ମାର୍ଚ୍ଚ ୨ ଯାଏଁ ନଅ ଦିନ ଧରି ଚାଲିବ ଏହି ପ୍ରଦର୍ଶନୀ । ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ହେବ । ମିଲେଟ୍ ଭିତ୍ତିକ ଖାଦ୍ୟ ସହ ମହିଳାଙ୍କ ହାତ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ମିଳିବ । ଏହା ସହ ରାଜ୍ୟବ୍ୟାପୀ ଅଂଶଗ୍ରହଣ ଓ ସମସ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଆଞ୍ଚଳିକ ମେଳା ଆୟୋଜିତ ହେବ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦତ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ର ହେବ । ମାର୍ଚ୍ଚ ୨ ଯାଏଁ ନଅ ଦିନ ଧରି ଚାଲିବ ଏହି ପ୍ରଦର୍ଶନୀ । ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ ହେବ । ମିଲେଟ୍ ଭିତ୍ତିକ ଖାଦ୍ୟ ସହ ମହିଳାଙ୍କ ହାତ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ମିଳିବ । ଏହା ସହ ରାଜ୍ୟବ୍ୟାପୀ ଅଂଶଗ୍ରହଣ ଓ ସମସ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଆଞ୍ଚଳିକ ମେଳା ଆୟୋଜିତ ହେବ ।

### କିଟ୍‌ରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗ

# ହାଜର ହେଲେ ଅଚ୍ୟୁତ ସାମନ୍ତ

- ଅଢେଇ ଘଣ୍ଟାର ଜେରା ପରେ ବାହାରିଲେ

**ଭୁବନେଶ୍ୱର :** କିଟ ଛାତ୍ରୀ ମୃତ୍ୟୁ ଓ ଛାତ୍ର ଛାତ୍ରୀଙ୍କୁ ମାଡ ଘଟଣାରେ କିଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜେରାର ସମ୍ମୁଖୀନ ହୋଇଛନ୍ତି । ଦୀର୍ଘ ଅଢେଇ ଘଣ୍ଟା ଧରି ଜେରାର ସମ୍ମୁଖୀନ ହେବା ପରେ ବାହାରକୁ ବାହାରିଥିଲେ ଅଚ୍ୟୁତ । କଓଓଞ୍ଜ କାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ଖୋଳତାଡ଼ । ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ତଦନ୍ତକାରୀ କମିଟି ଆଗରେ ହାଜର ହୋଇଛନ୍ତି କଓଓଞ୍ଜ ଅଧିକାରୀ । ଉଚ୍ଚସ୍ତରୀୟ କମିଟି ଆଗରେ କିଟ୍ ବିଶ୍ୱ ବିଦ୍ୟାଳୟର ଭିସି ଓ ରେଜିଷ୍ଟ୍ରାର ହାଜର ହୋଇଛନ୍ତି । ସେହିପରି ସେ ଦିନ ନେପାଳ ଛାତ୍ରୀଙ୍କୁ ଗାଳି ଗୁଲଜ ଓ ଧମକ ଦେଇଥିବା ମଞ୍ଜୁଶା ପାଣ୍ଡେ, ଜୟନ୍ତୀ ନାଥ ମଧ୍ୟ ଉଚ୍ଚସ୍ତରୀୟ କମିଟି ଆଗରେ ହାଜର ହୋଇଛନ୍ତି । ତେବେ କିଟ୍‌ର ଏହି ସମସ୍ତ ଅଧିକାରୀଙ୍କୁ ପଚରାଉଚରା କରାଯାଉଛି ।



ଏ ସମସ୍ତ ଅଧିକାରୀଙ୍କ ବୟାନ ରେକର୍ଡ କରାଯିବ । ଅଚ୍ୟୁତ ସାମନ୍ତଙ୍କ ସମେତ ୮ ଜଣଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡିଥିଲା । କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାମ୍ପସରେ ବି.ଟେକ୍ ତୃତୀୟ ବର୍ଷର ଛାତ୍ରୀ ପ୍ରକୃତି ଲମସାଲଙ୍କ ମୃତଦେହ ମିଳିଥିଲା । ଏହାର କିଛି ଘଣ୍ଟା ପରେ, ପୋଲିସ ତାଙ୍କ ପ୍ରେମିକ ଅଭିକ ଶ୍ରୀବାସ୍ତବଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗରେ ଗିରଫ କରିଥିଲା ପୋଲିସ । ୩ ବର୍ଷ ଧରି ସେମାନେ ରିଲେସନସିପ୍‌ରେ ଥିଲେ । ଅଭିକ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବା ନେଇ ପ୍ରକୃତି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । କ୍ୟାମ୍ପସରେ ଉପସ୍ଥିତି ନେପାଳୀ ଛାତ୍ରଛାତ୍ରୀ ଭଙ୍ଗାରୁଜା କରିଥିବା ବେଳେ କିଟ କର୍ତ୍ତୃପକ୍ଷ ମାମଲାକୁ ନିୟନ୍ତ୍ରଣ କରିବା ଆଢୁଆଳରେ ଛାତ୍ରଛାତ୍ରୀଙ୍କ ଉପରେ ବଳ ପ୍ରୟୋଗ କରିଥିଲେ । ସିକ୍ୟୁରିଟି ଗାର୍ଡ ଛାତ୍ରଛାତ୍ରୀଙ୍କୁ ମାଡ ମାରୁଥିବାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା । ଏହା ସହ କଲେଜର କର୍ମଚାରୀ ହଷ୍ଟେଲ ଅନ୍ତେବାସୀଙ୍କ ଦେଶ ବିଷୟରେ ମଧ୍ୟ ବିବାଦୀୟ ବୟାନ ଦେଇଥିଲେ । ବଳ ପୂର୍ବକ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ କଟକରେ ଛଡା ଯାଇଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ଆନ୍ଦୋଳନ ଆହୁରି ବ୍ୟାପକ ହୋଇଥିଲା ।

## ବୈଦେଶିକ ମନ୍ତ୍ରାଳୟର ଦୁଃଖ ପ୍ରକାଶ

**ଭୁବନେଶ୍ୱର :** କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାରେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପ୍ରତିକ୍ରିୟା ପ୍ରକାଶ କରିଛି । ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି । ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରାଯାଇଛି । ଜୟସ୍ୱାଲ କହିଛନ୍ତି ଏହି ଘଟଣାକୁ ନେଇ ନେପାଳ କର୍ତ୍ତୃପକ୍ଷଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଛି । ଏହା ସହିତ ଓଡ଼ିଶା ସରକାର ଓ କିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଥିବା ନେଇ ସେ ସୂଚନା ଦେଇଛନ୍ତି । ବୈଦେଶିକ ମନ୍ତ୍ରାଳୟ ସର୍ବଦା ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଛାତ୍ରୀ ମୃତ୍ୟୁକୁ ଗମ୍ଭୀରତାର ସହ ନିଆ ଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମଧ୍ୟ ମିଳିଛି । କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାମ୍ପସରେ ବି.ଟେକ୍ ତୃତୀୟ ବର୍ଷର ଛାତ୍ରୀ ପ୍ରକୃତି ଲମସାଲଙ୍କ ମୃତଦେହ ମିଳିଥିଲା । ଏହାର କିଛି ଘଣ୍ଟା ପରେ, ପୋଲିସ ତାଙ୍କ ପ୍ରେମିକ ଅଭିକ ଶ୍ରୀବାସ୍ତବଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗରେ ଗିରଫ କରିଥିଲା ପୋଲିସ । ୩ ବର୍ଷ ଧରି ସେମାନେ ରିଲେସନସିପ୍‌ରେ ଥିଲେ । ଅଭିକ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବା ନେଇ ପ୍ରକୃତି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ।

### କିଟ୍ କେଳେଙ୍କାରୀକୁ ନେଇ ବିଧାନସଭାରେ ତାତି

# ଅଚ୍ୟୁତଙ୍କୁ ଗିରଫ କର, ନେପାଳୀ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦିଅ

**ଭୁବନେଶ୍ୱର :** କିଟ୍ କେଳେଙ୍କାରୀକୁ ନେଇ ପୁଣି କମ୍ପିଲା ବିଧାନସଭା । ଅଚ୍ୟୁତଙ୍କୁ ଗିରଫ କର, ନେପାଳୀ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦିଅ । ଆଜି କିଟ୍ ପ୍ରସଙ୍ଗରେ ମୁଲତବି ଆଲୋଚନା ବେଳେ ବର୍ଷିଲେ ସବୁ ଦଳର ନେତା । କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ ଦାବିରେ ଅଡି ବସିଛନ୍ତି କଂଗ୍ରେସ ବିଧାୟକ ତାରା ବାହିନୀପତି । ସେପଟେ ଅଚ୍ୟୁତ ୮ ଶହ ଟଙ୍କାରୁ ୧୫ ହଜାର କୋଟିର ମାଲିକ ପାଲଟିବା ପଛର କାରଣ ଖୋଜିଛନ୍ତି ବିଜେପି ବିଧାୟକ ବାବୁ ସିଂ । ବିଜେଡି ବି କହିଲାଣି ଦୋଷୀଙ୍କ ବିରୋଧରେ ଆକ୍ସନ ହେଉ । ତେଣେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଗୃହକୁ ପ୍ରତିଶୃତି ୪ଟି ପ୍ରମୁଖ ଦିଗରେ ହେବ ତଦନ୍ତ । କିଟ୍ କେଳେଙ୍କାରୀ ପ୍ରସଙ୍ଗରେ ଶାସକ ହୁଅନ୍ତୁ କି ବିରୋଧୀ, ଉଭୟ ସଦସ୍ୟଙ୍କ ଏସବୁ ଦାବିରେ ଉଠୁଛି ପଡୁଛି ବିଧାନସଭା ଆଜି ଏ ସମ୍ପର୍କିତ ମୁଲତବି ଆଲୋଚନାରେ ଭାଗ ନେଇ ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି ସିଧାସଳଖ ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିରେ ଅଡ଼ି ବସିବା ସହ ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଆନଗଲେ ଧାରଣାରେ ବସିବାକୁ ଦେଇଛନ୍ତି ଧମକ । ତାସହ କାହିଁକି ଏପର୍ଯ୍ୟନ୍ତ ଅଚ୍ୟୁତଙ୍କ ଉପରେ ଆକ୍ସନ ହୋଇନି ବୋଲି ପ୍ରଶ୍ନ କରିଛନ୍ତି । ଏହାଛଡ଼ା କେବଳ ନେପାଳି ପିଲାମାନଙ୍କ ପାଇଁ କିଟ୍ ସାଇନ୍ ଡାଏ କାହିଁକି ହେଲା । ଅଶାଳୀନ ବ୍ୟବହାର କରିଥିବା ମହିଳାଙ୍କୁ କାହିଁକି ଗିରଫ କରାଯାଇନି ବୋଲି ବି ଜାଣିବାକୁ ଚାହିଁଥିଲେ ତାରା । ସେହିପରି ୧୯୯୧ ମସିହାରେ ମହର୍ଷିରେ ପାଠ ପଢ଼ାଇବା ବେଳେ ଯେଉଁ ଅଚ୍ୟୁତ ସାମନ୍ତ ମାତ୍ର ୮୦୦ ଟଙ୍କା ଦରମା ପାଉଥିଲେ ମାତ୍ର ୩୨ ବର୍ଷରେ ୧୫ ହଜାର କୋଟିର ମାଲିକ କିଭଳି ହେଲେ ବୋଲି ତାର ହିସାବ ମାଗିଛନ୍ତି ଶାସକ ଦଳ ବିଧାୟକ ବାବୁ ସିଂ । ବାବୁ ସିଂ କହିଥିଲେ- ବିଜୁ ପଟ୍ଟନାୟକ ସରକାରରେ ଲୋନ୍ ନେଇ ଅଚ୍ୟୁତ ଲଙ୍କା ସାମ୍ରାଜ୍ୟ ଗଢ଼ିଥିଲେ ହେଲେ ପରେ ଶିକ୍ଷା ନାଁରେ କଳା କାରନାମା କରି ସମାଜକୁ କଳୁଷିତ କରିଛନ୍ତି । ଆଦିବାସୀ ଜମି ହଡ଼ପ ସହ ଜଙ୍ଗଲ ଜମିରେ ଅଟ୍ଟାଳିକା କରିଛନ୍ତି । ଦୁର୍ନୀତି ପାଇଁ କେଉଁ ସରକାର ତାଙ୍କୁ ପ୍ରୋତ୍ସାହନ ଦେଲା ଓ ସାଂସଦ କଲା ବୋଲି ପ୍ରଶ୍ନ କରିଥିଲେ ବାବୁ ସିଂ । ସେମିତି ମୁଲତବି ଆଲୋଚନା ବେଳେ କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ କିଟକୁ ଟାର୍ଗେଟ୍ କରି ଦୁଇ ଦିନ ତଳେ ଗିରଫ ଅଭିଯୁକ୍ତଙ୍କୁ ଦୁଇ ଘଣ୍ଟାରେ କିପରି ବେଲ୍ ମିଳିଗଲା ପ୍ରଶ୍ନ କରିଥିଲେ । ସେପଟେ ଏ ଘଟଣା ପାଇଁ ବିଜେଡି, ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଦୋଷ ଲଦିଛି ।

ସତ୍ୟ ନ୍ୟୁଜ୍

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି କାର୍ଯ୍ୟ ନିମ୍ନ ମାନର ଅଭିଯୋଗ

## ସପ୍ତାହ ପୁରିନି ଉଠିଲାଣି ପିଚୁ

**ମୁନିଗୁଡା,(ନି.ପ୍ର) :** ଗ୍ରାମାଞ୍ଚଳର ବିକାସ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଥିବା ବେଳେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ପ୍ରୀୟାପ୍ରତି ତୋଷଣ ଓ ଠିକାଦାର ପୋଷା ନୀତି ଯୋଗୁଁ ସରକାରଙ୍କ ପ୍ରକୃତ ଲକ୍ଷ ସାଧିତ ହୋଇ ପାରୁନି ।ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରୁଛନ୍ତି ରାଜ୍ୟ ସରକାର । ହେଲେ ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ବିନିଯୋଗ ହେଉନଥିବାରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାକାର ହେଉନଥିବା ଅଭିଯୋଗ ହୋଇଛି ।ରାୟଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନ ମାନର ରାସ୍ତା ମରାମତି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟ ସ୍ଥଳରେ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଖୋରାକ ଯୋଗାଉଥିବା ଅଭିଯୋଗ ହେଉଛି । ରାସ୍ତାର ଖାଲ ଖମାରେ କଛି ମେଟାଲ ଢ଼ାଳି ଅତି ପତଳାରେ ପିଚୁ ପକାଇ କାମ ଶେଷ କରିବାକୁ ଉଭୟ ବିଭାଗ ଓ ଠିକାଦାର ପକ୍ଷରୁ ଉଦ୍ୟମ କରାଯାଉଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ।ନିମ୍ନ ମାନର ରାସ୍ତା ନିର୍ମାଣର ମାତ୍ର ପାଞ୍ଚ ଦିନ ମଧ୍ୟରେ ଉଠି ଯାଉଛି ପିଚୁ ଓ ଗୋଡ଼ି । ଅଟକଳ ଅନୁଯାୟୀ ମରାମତି କାର୍ଯ୍ୟ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ବିଭାଗୀୟ ଅଧିକାରୀ ମାନେ ଠିକାଦାର ସହ ମିଶି ନିମ୍ନ ମାନର କାର୍ଯ୍ୟ କରି ଆତ୍ମସାତ ଉଦ୍ୟମ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଶିବପଦର ପଞ୍ଚାୟତ କରଡାଙ୍ଗ ଓ ଜଗଦଲପୁର ପଞ୍ଚାୟତ ଜଗଦଲପୁର ଅଞ୍ଚଳରୁ ଦୀର୍ଘଦିନ ହେଲା ଉକ୍ତ ରାସ୍ତାରୁ ପିଚୁ ଉଠିଯାଇ ଏକ ପ୍ରକାର ମରଣଜନ୍ତା ପାଲଟି ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି ନିମନ୍ତେ ଲକ୍ଷାଧିକ ଟଙ୍କାର ଟେଣ୍ଡରରେ ଚାଲିଛି ମରାମତି କାର୍ଯ୍ୟ। କିନ୍ତୁ ରାସ୍ତାକୁ ଦେଖିଲେ ଠିକାଦାର ସ୍ୱଚ୍ଛ ବେଶ୍ ବୁଝି ପଡୁଛି।



ଗରମ ପିଚୁ ପଡିବା ସଙ୍ଗେ ସଙ୍ଗେ ଉକ୍ତ ରାସ୍ତା ଉପରେ ବାଲି କିମ୍ବା ପଥର ଡଷ୍ଟ ପକାଇବା ଜରୁରୀ ଥିବା ବେଳେ ରାସ୍ତା ଉପରେ କୌଣସି ଡଷ୍ଟ ବ୍ୟବହାର ହେଉନି, ଯେଉଁ କାରଣରୁ ଉକ୍ତ ରାସ୍ତା ଉପର ଦେଇ ଠିକାଦାର ମନମୁତାବକ କାର୍ଯ୍ୟ ପାଇଁ ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ରାସ୍ତାରେ ପିଚୁ ଢାଳିବା ପୂର୍ବରୁ ରାସ୍ତାରୁ ଭଲ ଭାବରେ ମାଟି ସଫା ହୋଇନଥିବା ବେଳେ ପ୍ରାଇମର ଢ଼ାଳି ପିଚୁ ପଡୁଥିବା ଦେଖିବାକୁ ମିଳିଛି, ଯାହାକି ପାଞ୍ଚଦିନ ମଧ୍ୟରେ ରାସ୍ତା ଉପରୁ ପିଚୁ ବାହାରି ପଡୁଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି, ଖାଲି ସେତିକି ନୁହେଁ ରାସ୍ତା କଡ଼ରେ ଥିବା ମୋରମ ଉପରେ ପିଚୁ ପଡିଥିବା ଦେଖିବାକୁ ମିଳିଛି, ଯାହାକି ଉକ୍ତ ସ୍ଥାନରେ ମାଟି କିମ୍ବା ମୋରମ ପକାଇବା ପରେ ପିଚୁ ପଡିବା କଥା ନଚେତ ଅତଡ଼ା ଖସି କମ ଦିନ ମଧ୍ୟରେ ରାସ୍ତା ଭାଙ୍ଗିଯିବା ସମ୍ଭାବନା ମଧ୍ୟ ରହିଛି। କୌଣସି ଭାରି ଯାନ ଯିବା ଆସିବା କଲେ ରାସ୍ତାରେ ବ୍ୟବହାର ହୋଇଥିବା ପିଚୁ ଉଠି ଯାଉଥିବା ସହ ରାସ୍ତା ଦବି ଯାଉଛି। ସ୍ଥାନୀୟ ଗ୍ରାମ ବାସୀ ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଉକ୍ତ ବିଷୟକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ ଡି ଓ ଙ୍କ ସହ ଯୋଗା ଯୋଗ କରିବାରୁ ଉକ୍ତ କାର୍ଯ୍ୟର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରିଙ୍କୁ ପଠାଇ ଅନୁଧ୍ୟାନ କରିବାକୁ କହିଥିଲେ। ହେଲେ ବିଡ଼ମ୍ବନାର ବିଷୟ କୋଟି ଟଙ୍କାର କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ସରକାରୀ ଅର୍ଥ ଆତ୍ମସାତ ପାଇଁ ଯୋଜନା କରାଯାଇଥିବା ଚର୍ଚ୍ଚା ହେଉଛି।

# ଭେଜା ରେଳ ଲାଇନ ଉପରେ ହେବ ଟ୍ରାକ ପାସିଂ ବ୍ରିଜ



**ନନ୍ଦପୁର,(ନି.ପ୍ର) :** ନନ୍ଦପୁର ବ୍ଲକ ଦେଇ ଯାଇଥିବା କିରଣ୍ଡୁଳ ବିଶାଖାପାଟଣା ସଂଯୋଗ କରୁଥିବା କେକେ ରେଳ ପଥ ଯାହା ଭେଜା ଷ୍ଟେସନ ନିକଟବର୍ତ୍ତୀ ତୃତୀୟ ରେଳ ପଥ (ଡମ୍ପିୟାର୍ଡ) ନିର୍ମାଣ କୁ ନେଇ ବିଗତ ଦିନରେ ବିବାଦ ଦେଖାଦେଇଥିଲା । ଭେଜା, ଗାଏଲପୁଟ, ତାଇନ୍ତର , ଖଡାପୁଟ ଗ୍ରାମ ବାସୀ ଏହାକୁ ବିରୋଧ କରି ପୋଲିସ ଓ ଗ୍ରାମ ବାସୀ ମୁହାଁ ମୁହିଁ ହୋଇ ଜଣେ ବ୍ୟକ୍ତି ଗିରଫ ମଧ୍ୟ ହୋଇଥିଲେ । ଭେଜା ଷ୍ଟେସନ ଠାରୁ ବାଲଡା ଗ୍ରାମ ମଧ୍ୟରେ ପାଞ୍ଚ ଗୋଟି ପାସିଂ ବ୍ରିଜ ନିର୍ମାଣ ପାଇଁ ଗ୍ରାମ ବାସୀ ଦ୍ୱିକରି ଆସୁଥିଲେ । ଏହି ବିଷୟରେ ଜଣେ ଗ୍ରାମବାସୀ ଙ୍କ ଗିରଫ୍‌ତାରୀ ପରେ ରେଳ କର୍ତ୍ତୁପକ୍ଷ୍ୟ ତତ୍ପରତା ପ୍ରକାଶ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ଙ୍କ ପ୍ରସ୍ତାବ କୁ ରେଳ କର୍ତ୍ତୁପକ୍ଷ୍ୟ ମଞ୍ଜୁରୀ ଦେଇ ଭେଜା- ବାଲଡା- ପାଡୁଆ ରେଳ ଲାଇନ ଉପରେ ଟ୍ରାକ ପାସିଂ ବ୍ରିଜ ନିର୍ମାଣ କରିବାକୁ ରେଳ ବିଭାଗ ପକ୍ଷରୁ ନିଷ୍ପତି ହୋଇଛି। ରେଳ ବିଭାଗ ଗତ ବୁଧ୍ୱାର ଦିନ ଗାଏଲ ପୁଟ ନିକଟ ରେ ଥିବା ରେଳ ଲାଇନ ସର୍ଭେ ଆରମ୍ଭ କରିଥିା ଜଣାପଡିଛି। ବହୁଦିନ ଧରି ଅଞ୍ଚଳବାସୀ ବିପଦ ଶଙ୍ଖୁଳ ଅବସ୍ଥାରେ ରେଳ ଧାରଣା ଉପରେ ଯାତାୟତ କରୁଥିଲେ। ହେଲେ ଏହି ପାସିଂ ବ୍ରିଜ ନିର୍ମାଣ ହେବା ପରେ ନିରାପଦ ରେ ଯାତାୟତ କରିବା ନେଇ ଗ୍ରାମବାସୀ ଏବେ ଆଶ୍ୱସ୍ତ ମନେକରୁଛନ୍ତି।

# ଗାୟତ୍ରୀ ପରିବାର ପକ୍ଷରୁ ଶକ୍ତି ଜ୍ୟୋତି କଳସକୁ ଭବ୍ୟ ସ୍ୱାଗତ

**ଲାଞ୍ଜିଗଡ,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଶକ୍ତି ଜ୍ୟୋତିକଳସକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ଶକ୍ତି ଜ୍ୟୋତି କଳସ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଓଡିଶାକୁ ତିନିଟି ରଥ ପହଞ୍ଚିବା ପରେ ପୁରୀ ଜଗନ୍ନାଥ ମନ୍ଦିରରେ ତିନିଟି ଭବ୍ୟ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା କ୍ଷ ତିନିଟି ଭବ୍ୟ ରଥ ଓଡ଼ିଶାର ଉତ୍ତର, ଦକ୍ଷିଣ ଏବଂ ପାଶ୍ଚିମ ପ୍ରାନ୍ତକୁ ବାହାରି ଥିଲାବା ବେଳେ ପଶ୍ଚିମ ପ୍ରାନ୍ତ ଅଭିମୁଖେ ବାହାରିଥିବା ରଥ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁରୀ, ଦେବଗଡ଼, ଝାରସୁଗୁଡା, ଏବଂ ସୁନ୍ଦର ଗଡ଼ ଜିଲ୍ଲା ପରିକ୍ରମା କରିଥିଲେ । ଉକ୍ତରଥ



ଲାଞ୍ଜିଗଡ ପହଞ୍ଚିବା ପରେ ଅଞ୍ଚଳ ବାସୀ ସମେତ ଶାନ୍ତିକୁଞ୍ଜ ହରିଦ୍ୱାର ପରି ବ୍ରାଜକ ଅଶୋକ ପେଷ୍ଟଇ ସ୍ୱାଗତ କରଥିବା ବେଳେ ଉକ୍ତ ଜ୍ୟୋତି କଳସ ଏକଶହ ବର୍ଷ ପୂର୍ତ୍ତି ଅବସରରେ ଏହାର ପରିକ୍ରମା କରାଯାଉଛି। ଲୋକଙ୍କ ମଧ୍ୟରେ ଆଧାତ୍ମିକ ଚେତନା ଜାଗରଣ କରିବା ସହିତ ପ୍ରତ୍ୟେକ ପରିବାର ସ୍ୱାଗତ ସହିତ ପୂଜାର୍ଚ୍ଚନା କରିଥିଲେ । ଏଥିରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ ହୋଇଥିବା ବେଳେ ଲାଞ୍ଜିଗଡ ଅଞ୍ଚଳ ଭକ୍ତି ମୟ ପରିବେଶ ଦେଖିବାକୁ ମିଳିଛି । କେବଳ ଓଡିଶା ନୁହେଁ ସମଗ୍ର ଭାରତ ବର୍ଷରେ ଏହି ଶକ୍ତିଜ୍ୟୋତି କଳସ ପରିକ୍ରମା କରାଯାଉଥିବା ବେଳେ ଲାଞ୍ଜିଗଡରେ ଅର୍ଣ୍ଣ ଘଟ ୮୦୦ ମହିଳା ମଣ୍ଡଳ ୩ ଯୁବ ମଣ୍ଡଳ ୭ ବୃକ୍ଷରୂପଣ ସଂକଳ୍ପ, ୧୦୦ଝୁଲା ପୁସ୍ତକ ୩ ବାଳ ସଂସାର ଶାଳା ୬ ଦେବସ୍ଥାପନ ୭୬୦ ଗାୟତ୍ରୀ ମନ୍ତ୍ର ଲିଖନ ୩୮୧ ସମେତ ଅଞ୍ଚଳ ପରିକ୍ରମା କରାଯାଇଥିଲା ।

# ମାଟ୍ରିକ ପରୀକ୍ଷା ପ୍ରଥମ ଦିନ ମୋଟ ୨୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଥୁଆମୂଳ ରାମପୁର ,(ନି.ପ୍ର) :** ଆରମ୍ଭ ହୋଇଛି ଚଳିତ ବର୍ଷର ମ୍ୟାଟ୍ରିକ ପରୀକ୍ଷା। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ର ୬ ଟି କେନ୍ଦ୍ର ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମୋଟ ଛାତ୍ରଛାତ୍ରୀ ଙ୍କ ସଂଖ୍ୟା ୮୫୭ଜଣ ମଧ୍ୟରୁ ଆଜି ପ୍ରଥମ ଦିନରେ ୨୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି।। ଚଳିତ ବର୍ଷ ଥୁଆମୂଳ ରାମପୁର ଉଚ୍ଚ ବିଦ୍ୟାଳୟ କୁ ନୋଡାଲ ସେଣ୍ଟର କରାଯାଇ ଥିବା ବେଳେ ପରୀକ୍ଷା ଦେବାକୁ ଥିବା ଥୁଆମୂଳ ରାମପୁର ବ୍ଲକ ରେ ମୋଟ ୮୫୭ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଥୁଆମୂଳ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା ସେଣ୍ଟର୍ ର ୧୬୬ ଜଣ ମଧ୍ୟରୁ ୧୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସ୍ଥଳେ ଓ ୪ଜଣ ଅନୁପସ୍ଥିତ ଥିବା ଜଣା ପଡିଛି । ଗୋପାଳପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା ସେଣ୍ଟର୍ ର ମୋଟ ୧୩୭ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ।



ସେହିପରି ଗୋପାଳପୁର ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ମୋଟ ୧୫୬ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୧୫୬ ଜଣ ପରୀକ୍ଷା ଦେଇଛନ୍ତି । ସିରିମସ୍କା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ମୋଟ ୧୬୦ ଜଣ ମଧ୍ୟରୁ ୧୫୬ ଜଣ ପରୀକ୍ଷା ଦେଇ ଥିବା ବେଳେ ୪ଜଣ ଅନୁପସ୍ଥିତ ଅଛନ୍ତି । ଡୁମେରପଦର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ମୋଟ ୧୨୮ ଜଣ ମଧ୍ୟରୁ ୧୨୪ ଜଣ ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ଅଛନ୍ତି ଏବଂ ଗୁଣପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୯୮ ଜଣ ପରୀକ୍ଷା ଦେଇ ଥିବା ବେଳେ ୧୨ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିପାରିଛି ।ପ୍ରଥମ ଦିନର ପରୀକ୍ଷାରେ ମୋଟ ୮୫୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଥିବାସ୍ଥଳେ ୨୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ଚଳିତ ବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ କପି ରୋକିବା ପାଇଁ ସିସି ଟିଭି କ୍ୟାମେରା ଲଗାଯାଇଛି ଏବଂ ଥୁଆମୂଳ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଓ ଗୋପାଳପୁର ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସିସି ଟିଭି ସହ ଏଆଇ କ୍ୟାମେରା ସଂଯୋଗ ସଂଯୋଗ କରାଯାଇଛି । ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳା ର ସହିତ ସମାପନ ହୋଇଥିବା ଜଣାପଡିଛି।

# ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ତୈଳବୀଜ ଜାତୀୟ ଫସଲ ତାଲିମ ଶିବିର

**ପାଟଣା,(ନି.ପ୍ର) :** ପାଟଣା କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଆଜି ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଅନ୍ତର୍ଗତ ଚାଷୀ ମାନଙ୍କୁ ତୈଳ ବୀଜ ଜାତୀୟ ଫସଲ ପାଇଁ ତାଲିମ ଶିବିର ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ସହ କୃଷି ଅଧିକାରୀ ପରେଶ୍ କୁମାର ଦାଶ କାର୍ଯ୍ୟକ୍ରମ ର ସଂଯୋଜନା



କରିଥିଲେ । ଏଠାରେ ମାରୁସୁଆଁ , ଚିନମାଳିପଶି , ଏରେଣ୍ଡେଇ, ମିରିଗିଖୋଜି, ଟାଙ୍ଗରଢ଼ା, କେନ୍ଦେଇପଶି, ଚାକୁଣ୍ଡାପାଳ, ପଞ୍ଚାୟତ ରୁ ୩୦ ଜଣ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ । ବିଶେଷ କରି ସୂର୍ଯ୍ୟମୁଖି ଚିନାବାଦାମ ଓ ସୋରିଷ ଚାଷ ପ୍ରଣାଳୀ ବିଷୟରେ ଘଟଗାଁ ଏଡି ଏ ଓ ସୁଧିରରଞ୍ଜନ ବେହେରା ଏବଂ ସାହରପାଡ଼ା ଗୋଷ୍ଠୀ କୃଷି ଅଧିକାରୀ ତନୟା ସାହୁ ଶିବିରାର୍ଥି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ସଟ୍ଟା ଉପରେ ଚଢ଼ଉ, ଦୁଇ ଦିନରେ ପାଞ୍ଚ ଗିରଫ



**ସିନାପାଲି,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଞ୍ଚଳ ର ବିଭିନ୍ନ ଗାଁ ଗଣ୍ଡା ରେ ବେଆଇନ ଭାବେ ସଟ୍ଟା ଖେଳ ଚାଲିଥିବା ଅଭିଯୋଗ ହେଉଛି। ଏନେଇ ସିନାପାଲି ପୁଲିସ ବର୍ତ୍ତମାନ ଏକ୍ସନ ମୋଡରେ ଥିବା ଜଣାପଡିଛି। ସଟଟା ଖେଳାଳିଙ୍କ ଉପରେ ଅତର୍କିତ ଚଢ଼ାଉ କରି ଗତ ଦୁଇ ଦିନରେ ୫ଜଣ ସଟ୍ଟା ଏଜେଣ୍ଟ ଙ୍କୁ ଗିରଫ କରିଥିବା ଜଣାପଡିଛି। ତାଙ୍କ ଠାରୁ ସଟ୍ଟା ପଟି ସହ ନଗଦ ଟଙ୍କା ଜବତ କରିଛି। ପ୍ରାପ୍ତ ଖବର ଅନୁସାରେ ଗତ ୧୮ ତାରିଖ ଦିନ ସିଙ୍ଗଝର ଗ୍ରାମର ଚୁଲ ନାଏକ ଓ ହାତିବନ୍ଧା ଗ୍ରାମର ଭୁବନେଶ୍ୱର ମେହେର ଏବଂ ରୋହିତ ସିଂ ନିନା ଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ସଟ୍ଟା ପଟି ଜବତ କରିଥିଲା। ସେହିପରି ଗତ ୧୯ ତାରିଖ ଦିନ ଗଣ୍ଡାବାହାଲି ଗ୍ରାମର ଜତିନ୍ଦ୍ର ମେହେର ଓ ସିନାପାଲି ର ରାଧେଶ୍ୟାମ ମେହେର ଙ୍କୁ ଗିରଫ କରି ତାଙ୍କ ଠାରୁ ସଟ୍ଟା ପଟି ଜବତ କରିଥିଲା। ଅଭିଯୁକ୍ତ ମାନଙ୍କ ନାମରେ କେସ ନମ୍ବର ୪୨,୪୩, ୪୪,୪୫,୪୬ /୨୦୨୫ ଅନୁସାରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ ସୁଚନା ଦେଇଛନ୍ତି। ଏଭଳି ଆଗକୁ ମଧ୍ୟ ବିଭିନ୍ନ ସ୍ଥାନରେ ଚଢାଉ କରାଯିବ ବୋଲି ଜଣାପଡିଛି। ଏହି ଚଢାଉ ପରେ ସିନାପାଲି ଅଞ୍ଚଳ ରେ ସଟ୍ଟା ଏଜେଣ୍ଟ ମାନଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସଟ୍ଟା ଗଦି ମାଲିକ ମାନଙ୍କ ଭିତରେ ମଧ୍ୟ ଭୟ ସୃଷ୍ଟି ହୋଇଛି। ଏନେଇ ଅଞ୍ଚଳ ର ବିଭିନ୍ନ ସ୍ଥାନରେ ଯୋରଦାର ଚର୍ଚ୍ଚା ହେଉଛି। ପୁଲିସ ର ଏଭଳି ପଦକ୍ଷେପ କୁ ବୁଦ୍ଧିଜୀବୀ ମହଲରେ ବେଶ ପ୍ରଂଶସା କରାଯାଉଛି। ହେଲେ ପୁଲିସର ଏହି ଆକ୍ସନ ମୋଡ଼ରେ ବଡ଼ବଡ଼ିଆ ଯେମିତି ବାଦ ନପଡନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ବାଇକରେ ଦୁର୍ଘଟଣା ଘଟି ପରୀକ୍ଷାର୍ଥୀ ଗୁରୁତର

**ଟାଙ୍ଗୀ,ଖୋର୍ଦ୍ଧା,(ନି.ପ୍ର) :** ନାବାଳକ ପରୀକ୍ଷାର୍ଥୀ ବାଇକ ଚଳାଇବା କାଳ ହେଲା କ୍ଷ ମାଟ୍ରିକ ପରୀକ୍ଷା ଦେଇ ବାଇକରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ବାଇକ ହେଲା କ୍ଷ ଦୁର୍ଘଟଣା ରେ ବାଇକ ଭାଙ୍ଗି ରୁଜି ଚୂରମାର... ଏହା ସହ ମାଟ୍ରିକ ପରୀକ୍ଷାର୍ଥୀ ଗୁରୁତର ହୋଇଛନ୍ତି .. ଗୁରୁତର ପରୀକ୍ଷାର୍ଥୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି......ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି... ଗୁରୁତର ଛାତ୍ର ଙ୍କର ନାମ ସୋମନାଥ ବେହେରା ୧୬ ବର୍ଷ.. ଘର ଚିଲିକା



ବ୍ଲକ ନଈରୀ ଗ୍ରାମରେ...ସୋମନାଥ ନଈରୀ ଗ୍ରାମରେ ଥିବା ଅପର୍ତ୍ତି ହାଇସ୍କୁଲ ର ଦଶମ ଶ୍ରେଣୀ ର ଛାତ୍ର ଅଛନ୍ତି... ନଈରୀ ସ୍କୁଲ ପିଲାଙ୍କର ମାଟ୍ରିକ ପରୀକ୍ଷା କେନ୍ଦ୍ର ହରିପୁର ସ୍କୁଲ ରେ ପଡ଼ିଥିଲା.... ହରିପୁରରେ ପରୀକ୍ଷା ଦେଇ ଘରକୁ ଫେରୁଥିବା ବେଳେ ନଈରୀ ନିକଟରେ ବାଇକ ଦୁର୍ଘଟଣା ହୋଇଥିଲା.. ଫଳରେ ସୋମନାଥ ଙ୍କର ହାତ ଦୁଇ ଖଣ୍ଡ ହୋଇ ଯାଇଅଛି. ଏହା ସହ ଶରୀରର ବିଭନ୍ନ ଅଂଶ କ୍ଷତି ଗ୍ରସ୍ତ ହୋଇଛି।

# କିଟ୍ ବିଶ୍ୱବିଦ୍ୟାଳୟରେ ହୋଇଥିବା ସମଗ୍ର ଘଟଣାର ବିଚାର ବିଭାଗୀୟ ତଦନ୍ତ କର : ସିପିଆଇ

**କେନ୍ଦ୍ରାପଡା,(ନି.ପ୍ର) :** କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ନେପାଳୀ ଛାତ୍ରୀଙ୍କ ଅପମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସି ପି ଆଇ(ଏମ୍) କେନ୍ଦ୍ରାପଡା ଜିଲ୍ଲା କମିଟି ଅଭିଯୋଗ କରିଛି। ସି ପି ଆଇ(ଏମ୍) ପକ୍ଷରୁ କୁହାଯାଇଛି ଯେ କ୍ୟାମ୍ପସ ରେ ଏହିଭଳି ଏକ ଅଭାବନୀୟ ଘଟଣା ପରେ ନିର୍ଦ୍ଧିଷ୍ଟ ଭାବେ ନେପାଳୀ ଛାତ୍ରଛାତ୍ରୀଙ୍କ ପାଇଁ 'ସାଇନ୍ ଡେ' ଘୋଷଣା,ବଳ ପ୍ରୟୋଗ କରି ମାଡ଼ ମାରି କ୍ୟାମ୍ପସରୁ ଶାରୀରିକ ଭାବେ ବିତାଡିତ କରିବା,ବସ୍ ଜରିଆରେ ବିଭିନ୍ନ ରେଳ ଷ୍ଟେସନରେ ନେପାଳୀ ଛାତ୍ରଛାତ୍ରୀଙ୍କୁ ଛାଡିବା ଇତ୍ୟାଦି ଅମାନବୀୟ ଦମନ ମୂଳକ କାର୍ଯ୍ୟାନୁଷ୍ଠାନ କିଟ୍ କର୍ତ୍ତୃପକ୍ଷଙ୍କ ତରଫରୁ ସ୍ପଷ୍ଟ ଦିବାଲୋକରେ କରାଯାଇଛି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି କିଟର କ୍ଷମତାପ୍ରାପ୍ତ ମହିଳା କର୍ମଚାରୀ ମାନେ ନେପାଳର ଜି ଡି ପି/ବଜେଟ୍ କୁ ନେଇ କଟୁ ଓ ଅପମାନ ଜନକ ମନ୍ତବ୍ୟ ଦେଇ ନେପାଳୀ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସରୁ ତଡ଼ିବାର ଅଭାବନୀୟ ଦୃଶ୍ୟ। ପରବର୍ତ୍ତୀ ସମୟରେ ପୁଲିସ୍ ଅଭିଯୁକ୍ତ ମାନଙ୍କୁ 'ନାମକୁ ମାତ୍ର' ଗିରଫ କରି ମାତ୍ର ଘଣ୍ଟାଏ ମଧ୍ୟରେ ଜାମିନରେ ଖଲାସ କରିବା ବିଷୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହ ଘେରକୁ ଆସିଛି । ହଜାର ହଜାର ଛାତ୍ର- ଛାତ୍ରୀ ପଢୁଥିବା ଏକ ଅନୁଷ୍ଠାନରେ ବର୍ମା କମିଟି ସୁପାରିଶ ଅନୁସାରେ ପ୍ରତିଟି ସ୍ତରରେ ଯୌନ ନିର୍ଯାତନା ବିରୋଧୀ ଅଭିଯୋଗ କମିଟି ଗଠନ ହୋଇଛି କି ? ? ଏହା ଗଠନ ହେବା ପରେ କାର୍ଯ୍ୟକ୍ଷମ ହୁଏ କି ନାହିଁ ଇତ୍ୟାଦି ବିଷୟର ତଦନ୍ତ ଆବଶ୍ୟକ । ଛାତ୍ରଛାତ୍ରୀଙ୍କ ଛାତ୍ର ୟୁନିୟନ୍ ନଥିବା ବେଳେ ସେମାନଙ୍କ ସୁବିଧା ଅସୁବିଧା/ ସମସ୍ୟା/ଦାବି ଇତ୍ୟାଦି ବିଷୟରେ ଆଲୋଚନା ପାଇଁ କ୍ୟାମ୍ପସରେ କ'ଣ ବ୍ୟବସ୍ଥା ରହିଛି ତଦନ୍ତ ହେବା ଆବଶ୍ୟକ। ଘରୋଇ ବ୍ୟବସାୟୀକ ଶିକ୍ଷାନୁଷ୍ଠାନ ବିଶେଷ କରି ତଥା କଥିତ ଡିମିଡ୍ ବିଶ୍ୱ ବିଦ୍ୟାଳୟ ଗୁଡିକୁ ସାମଗ୍ରିକ ଭାବେ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ କ'ଣ ଆଇନଗତ ବ୍ୟବସ୍ଥା ରହିଛି ? ? ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଏବଂ ପୂର୍ବର ୨୪ବର୍ଷର ବିଜେଡ଼ି ସରକାର ଏହି ବିଷୟରେ ରାଜ୍ୟବାସୀଙ୍କ ପାଖରେ ଉତ୍ତର ରଖିବାକୁ ହେବ। କାରଣ ରାଜ୍ୟ ବିଜେଡି ସରକାରଙ୍କ ଲମ୍ବା ଶାସନ ଏବଂ କେନ୍ଦ୍ରରେ ଶାସନ କରିଥିବା/କରୁଥିବା ବିଭିନ୍ନ ସରକାରଙ୍କ ପ୍ରୋତ୍ସାହନରେ ହିଁ କିଟ୍ ନିଜ ସାମ୍ରାଜ୍ୟ କୁ ବିସ୍ତାର କରିଛନ୍ତି। ରାଜ୍ୟର ମୂଲ୍ୟବାନ ଜମି, ସାଧାରଣ ଲୋକ ତଥା ଆଦିବାସୀଙ୍କ ଜଙ୍ଗଲ ଜମି ଏବଂ ଚନ୍ଦକା ପୁରୁଣା ଶିକ୍ଷାଞ୍ଚଳର ସମସ୍ତ ଜମି କିଟ୍ କର୍ତ୍ତୃପକ୍ଷ ନିଜ ଅକ୍ତିଆର କୁ ନେଇଛନ୍ତି । ଛାତ୍ରୀ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଜନୈକ କିଟ୍ ଛାତ୍ରଙ୍କ ବାପା ଉତ୍ତର ପ୍ରଦେଶ ବିଜେପି ନେତାଙ୍କ ପୁତ୍ର ବୋଲି ଆସୁଥିବା ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ଜରିଆରେ ଲୋକଲୋଚନକୁ ଆସିବା ଆବଶ୍ୟକ । ଏହା ସତ୍ୟ ଯେ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟ ରେ ଯାହାସବୁ ସଙ୍ଗୀନ ଘଟଣା ଘଟିଛି ସେଥିପାଇଁ କିଟର ସର୍ବୋଚ୍ଚ କର୍ତ୍ତୃପକ୍ଷ ହିଁ ପ୍ରାଥମିକ ଭାବେ ଦାୟୀ। ମାତ୍ର ରାଜ୍ୟ ସରକାର ଏବଂ ପୁଲିସ୍ ପ୍ରଶାସନ ମଧ୍ୟ ଏ ସମ୍ପର୍କରେ ଜବାବ ରଖିବାକୁ



ପଡିବ। କାରଣ ସମଗ୍ର ଘଟଣା ସ୍ଥାନୀୟ ପୋଲିସର ଜ୍ଞାତସାରରେ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହିଭଳି ଏକ ସମ୍ବେଦନଶୀଳ ଘଟଣାରେ ନୀରବ କାହିଁକି ରହିଛନ୍ତି ? ବିଜେପି ଏବଂ ବିଜେଡି ଉଭୟ ଦଳ କିଟ୍ ପ୍ରତି ଦେଇଥିବା ବିଶେଷ ଅନୁକମ୍ପା ମୂଳକ ଅତି ମିତ୍ରତା/ ଅତି ଘନିଷ୍ଠତା ଆଭିମୁଖ୍ୟ ଯୋଗୁଁ ରାଜ୍ୟବାସୀଙ୍କ ସନ୍ଦେହ ଘନୀଭୂତ ହେବା ସ୍ୱାଭାବିକ। ଯେତେବଳେ ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନ ରେ ଛାତ୍ର-ଛାତ୍ରୀ ମାନଙ୍କ ନିରାପତ୍ତା ବିପନ୍ନ,କର୍ମଚାରୀ ନାମରେ ପ୍ରାଇଭେଟ୍ ଗୁଣ୍ଡା ବାହିନୀ ନିଯୁକ୍ତି ହୋଇଛନ୍ତି, ଶିକ୍ଷାର ବ୍ୟାପକ ବ୍ୟବସାୟୀକରଣ, ଜମି ହଡ଼ପ,ପଡ଼ୋଶୀ ରାଷ୍ଟ୍ର ନେପାଳ ସହିତ କୁଟନୈତିକ ସମ୍ପର୍କ କ୍ଷୁର୍ଣ୍ଣ, ବିଶ୍ୱ ସ୍ତର ରେ ଦେଶ ଓ ରାଜ୍ୟର ମର୍ଯ୍ୟାଦା ହାନି ଏବଂ ରାଜ୍ୟ ପୋଲିସ ଓ ପ୍ରଶାସନର ଜାଣତରେ ଏସବୁ ଘଟିଛି ସେତେବେଳେ ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ ହେବା ଆଶା କ୍ଷୀଣ। ଏହି ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟର'ସର୍ବୋଚ୍ଚ କର୍ତ୍ତୃପକ୍ଷ- ପ୍ରଶାସନ-ପୁଲିସ୍' ର ମଧୁଚନ୍ଦ୍ରିକା ସ୍ପଷ୍ଟ ହୋଇଯାଇଛି। ସୁତରାଂ ମୃତ୍ୟୁ ବରଣ କରିଥିବା ଜନୈକା ଛାତ୍ରୀଙ୍କ ପରିବାର ଏବଂ ନେପାଳର ନିରୀହ ଛାତ୍ର ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହିତ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବିଷୟ ଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ/ଅଧ୍ୟକ୍ଷତାରେ 'ବିଚାର ବିଭାଗୀୟ ତଦନ୍ତ' କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାକୁ ସି ପି ଆଇ (ଏମ) କେନ୍ଦ୍ରାପଡା ଜିଲ୍ଲା କମିଟି ଦାବି କରୁଛି। ବିଚାର ବିଭାଗୀୟ ତଦନ୍ତ ଦ୍ୱାରା ହିଁ ସମସ୍ତ ଘଟଣା ଏବଂ ତଥ୍ୟ ସାମନା କୁ ଆସି ପାରିବ। ଏହା ସହିତ କ୍ୟାମ୍ପସ ରେ ଛାତ୍ର ଛାତ୍ରୀଙ୍କ ନିରାପତ୍ତା ଏବଂ ପାଠପଢ଼ା କୁ ସୁନିଶ୍ଚିତ କରିବା, କିଟ୍ କର୍ତ୍ତୃପକ୍ଷ ପ୍ରତିଶୋଧ ପରାୟଣ ନହୋଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଭାଜନ ହେବା ପାଇଁ ସୁନିଶ୍ଚିତ ବ୍ୟବସ୍ଥା କରିବା,ନେପାଳୀ ଛାତ୍ରଛାତ୍ରୀଙ୍କୁ ମର୍ଯ୍ୟାଦାର ସହିତ କ୍ୟାମ୍ପସରେ ସୁରକ୍ଷିତ ଭାବେ ରଖିବା ପାଇଁ ବ୍ୟବସ୍ଥା କରିବା ଇତ୍ୟାଦି ବିଷୟକୁ ସୁନିଶ୍ଚିତ କରିବାକୁ ହେବ ।କିଟ୍ ବିଶ୍ୱବିଦ୍ୟାଳୟ କେଳେଙ୍କାରୀର ବିଚାର ବିଭାଗୀୟ ତଦନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ ଭାବେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସି ପି ଆଇ(ଏମ୍) କେନ୍ଦ୍ରାପଡା ଜିଲ୍ଲା କମିଟି ଦାବି କରୁଛି ।ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଜିଲ୍ଲା ରେଭିନ୍ୟୁ ଅଫିସର କୁଇନ ଜେନା ଗ୍ରହଣ କରିଥିଲେ ।ଏହି ପ୍ରତିନିଧି ଦଳରେଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା, ନରୋତ୍ତମ ପାର୍ଥସାରଥୀ,ମାଧବ ଦାସ,ଭୀମସେନ ବେହେରା, ପ୍ରକାଶ ମହାନ୍ତି, ଗୁଣମଣି ବେହେରା,ରମେଶ ପ୍ରଧାନ, ମିନାରାଣୀ ପାର୍ଥସାରଥୀ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଯୋଜନାରେ ଚୟନ ହେଇ ନାହାନ୍ତି ଜନ୍ମାନ୍ଧ ଡାଳମଣି ଶବର

**ଗୁଡ଼ାରୀ,(ନି.ପ୍ର) :** ରାଜ୍ୟ ସରକାର ନିରୀହ ଗରିବ, ବୃଦ୍ଧ,ବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କ ପାଇଁ ବିଭିନ୍ନ ଯୋଜନା ର ସହ ହାତ ବଢ଼େଇ ଥିବା ବେଳେ ନିରୀହ ବୃଦ୍ଧ. ବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କ ପାଖରେ ଯୋଜନା ପହଞ୍ଚି ପାରୁନି । ଏହି ଭଳି ସମସ୍ୟା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ ଅନ୍ତର୍ଗତ ସୌରା ପେଣ୍ଡିଲି ଗ୍ରାମ ପଞ୍ଚାୟତ ପଞ୍ଚୁପାଣ୍ଡବ ଗ୍ରାମର ଜନ୍ମାନ୍ଧ ଡାଳମଣି ଶବର ଓ ଏହି ଡ଼ାଳମଣି ଶବର ଅନାଥ ଓ ଜନ୍ମରୁ ଭିନ୍ନକ୍ଷମ (ଅନ୍ଧ), ଘର ହୀନ ବୋଲି କହିଲେ । ଏହି ଭଳି ଭିନ୍ନକ୍ଷମ ଲୋକଙ୍କ ପାଇଁ ସରକାର ସାହ ଭରଷା ବୋଲି



ସମସ୍ତେ ଜାଣିଛନ୍ତ । ଡାଳମଣି ମା ଏକ ଝାଟିମାଟି ଘରେ ରୁହନ୍ତି । ଏହି ଘର ତାଙ୍କର ନୁହେଁ ସେତି ପରେ ରହୁଥିବା ପରିବାର ସ୍ଥାନାନ୍ତର ହୋଇଥିବାରୁ ମୁଁ ସେହି ତାରେ ରହୁଛି ବୋଲି କହିଛନ୍ତି । ଡାଳମଣି ମା ମୋ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ବାସ ଗୃହ ଜୋଗାଇ ଦେବା ପାଇଁ ଜନସାଧାରଣ ଅଭିଯୋଗ କରିଛନ୍ତି । ଡାଳମଣି ମାଁ କରିଛନି ମୁଁ ୧୦୦୦ ଟଙ୍କା ବାର୍ଦ୍ଧକ୍ଷ ଭତ୍ତା ଓ ୫ କିଲୋଗ୍ରାମ ଚ଼ାଉଳ ଖାଦ୍ୟ ସୁରକ୍ଷା ଯୋଜନାରେ ପାଉଛି ମାତ୍ର ମୁଁ ଭିନ୍ନକ୍ଷମ ହୋଇଥିବାରୁ ଆଣିବାକୁ ଯାଇ ପାରୁଣି । ସେଥି ଯୋଗୁଁ ଦୁଇ ତିନ ଦିନ ଭୋକିଲା ରହିବାକୁ ପଡୁଛି ଓ ୫ କିଲୋଗ୍ରାମ ଚ଼ାଉଳ ନିଅଣ୍ଟ ପଡୁଛା ବୋଲି କହିଛନ୍ତି । ଡାଳମଣି ମାଁ କହିଛନ୍ତି ମୁଁ ଭିନ୍ନକ୍ଷମ କୁଲି କାମକୁ ଯାଇପାରି ବିନି ଓ ଅନ୍ତଦ୍ୟୟ ଅନ୍ନ ଯୋଜନାରେ ହେଲେ ମଧ୍ୟ ୩୫ କିଲୋଗ୍ରାମ ଚାଉଳ ପାଉନି ବୋଲି କହି ଓ ଆମ କଥା କିଏ ପଚାରେ ଗୋଲି ଦୁଃଖ ରେ ଅଶ୍ରୁ ଜଳ ଜଳ ହୋଇ ଗୁହାରୀ ଜନ ସାଧାରଣଙ୍କ ଆଗରେ କରିଥିଲେ ଓ ଲୋକଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବାକୁ ବିଭିନ୍ନ ଯୋଜନାରେ ଭିନ୍ନ ଭିନ୍ନ ପଦାଧିକାରୀ ନିୟୋଜିତ ହୋଇ ଲୋକଙ୍କ ସମସ୍ୟା କୁ ସରଳତା ସହ ଲୋକଙ୍କ ସେବା କରିବା ପାଇଁ ମାସକୁ ମାସକୁ ବେତନ ମଧ୍ୟ ନେଉଛନ୍ତି । ଏହି ଭଳି ଭିନ୍ନକ୍ଷମ ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ମାନଙ୍କୁ ନିଜ ଘରେ ନେଇ ବଣ୍ଟନ ଚ଼ାଉଳ ସହ ଭତ୍ତା ପ୍ରଧାନ କରାଯିବା ପାଇଁ ଜନ ସାଧାରଣ ରେ ଦାବି ହୋଇଯାଇଛି । ଏହି ସମସ୍ୟା ମାନଙ୍କ ର ସମାଧାନ କେବେ ହେବ ଦେଖିବାକୁ ବାକି ରହିଛି ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣରେ ୩ ଗିରଫ

**ଗଞ୍ଜାମ,(ନି.ପ୍ର) :** ପାତ୍ରପୁର ବ୍ଲକ ୱେବ ମିଡ଼ିଆ ସାମ୍ବାଦିକ ସନ୍ତୋଷ ପଣ୍ଡାଙ୍କୁ ବୁଧବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି । ଏ ସମ୍ପର୍କରେ ଜରଡ଼ା ଥାନାରେ ସାମ୍ବାଦିକଙ୍କ ମାଆ କନକ ଦେବୀ ଲିଖିତ ଅଭିଯୋଗ କରିବା ପରେ ଜରଡ଼ା ପୁଲିସ ୩ ଆକ୍ରମଣକାକାରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓ ଅନ୍ୟ ଅଭିଯୁକ୍ତଙ୍କ ସହ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ଏତଲା ମୁତାବକ ସାମ୍ବାଦିକ ସନ୍ତୋଷ ପଣ୍ଡାଙ୍କ ଭାଇ ସୁଶାନ୍ତ ବାହାଘର ଭୋଜି ଭିଡିଓ ସୁଟ୍ ସାରି ରାତି ୧୧.୩୦ରେ ଘରକୁ ଫେରୁଥିଲେ । ସେହି ସମୟରେ ପାତ୍ରପୁର ଅଗ୍ନିଶମ ବିଭାଗ ପାଖରେ ପ୍ରାୟ ୧୦ ରୁ ୧୫ ଜଣ



ଅସାମାଜିକ ଯୁବକ ସୁଶାନ୍ତଙ୍କୁ କାବୁ କରି କରି ଗାଳିଗୁଲଜ କରି ତୋ ସାମ୍ବାଦିକ ହୋଇଥିବା ଭାଇ ସନ୍ତୋଷଙ୍କୁ ଡାକିବା ପାଇଁ ଧମକ ଚମକ ଦେଇଥିଲେ। ଅସାମାଜିକଙ୍କ ଧମକରେ ଭୟଭୀତ ହୋଇ ସୁଶାନ୍ତ ଫୋନ କରିବାରୁ ସାମ୍ବାଦିକ ସନ୍ତୋଷ ରାତିରେ ଅଗ୍ନିଶମ ଅଫିସ ପାଖକୁ ପହଂଚି ପହଂଚିଥିଲେ। ତତକ୍ଷଣାତ ଦେଇ ସାମ୍ବାଦିକ ଉକ୍ତ ଅସାମାଜିକ ଯୁବକମାନେ ଭାଇ ସୁଶାନ୍ତକୁ ଛାଡି ସନ୍ତୋଷଙ୍କୁ ଖବର କାହିଁକି ପ୍ରସାରଣ କରୁଛ ବୋଲି ଅସଭ୍ୟ ଭାଷାରେ ଗାଳି ଦେଇ ବନ୍ଧୁକ, ଠେଙ୍ଗା, କାତିରେ ମରଣାନ୍ତକ ଆକ୍ରମଣ କରି ପଳାଇ ଯା ବୋଲି ଏତଲା ରେ ଉଲ୍ଲେଖ ରହିଛି। ପୁଲିସ ଖବର ପାଇ ଆକ୍ରମଣରେ ରେ ଆହତ ସାମ୍ବାଦିକ ସନ୍ତୋଷଙ୍କୁ ମେଡିକାଲ ନେଇଥିଲେ। ଏ ସମ୍ପର୍କ ରେ ଜରଡ଼ା ଥାନାରେ ସାମ୍ବାଦିକଙ୍କ ପରିବାର ପକ୍ଷରୁ ଏତଲା ଦେଇଛନ୍ତି। ଏତଲା ପାଇ ପୁଲିସ ୫୫/୨୫ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ପାତ୍ରପୁରର ଯତୀନ ସାହୁ, ଶିବଶଙ୍କର ମହାନ୍ତି, ରାଜୀବ ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ଥିବା ଜଣାପଡିଛି।

# କର୍ମ ନିଯୁକ୍ତି ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ

**ନୂଆଗାଁ ବ୍ଲକ ,(ନି.ପ୍ର) :** ନୂଆଗାଁ ବ୍ଲକ୍ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଆଜି ୨୧.୦୨.୨୫ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। MGNREGS ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷର ୦୧ ଅପ୍ରେଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଏବଂ ଉପରୋକ୍ତ ଯୋଜନା ଗୁଡିକ ଉପରେ ପଂଚାୟତ ସ୍ତରରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହି ସାମାଜିକ ସମୀକ୍ଷା ର ତଥ୍ୟ ଓ ରିପୋର୍ଟ ଉପରେ ଆଜି ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନୟାଗଡ଼ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲଗ୍ନଜିତ ରାଉତ ସଭାପତିତ୍ୱ କରିଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ବଳିଆର ସିଂ, ଯୋଗ ଦେଇ ଆଜିର କାର୍ଯ୍ୟକ୍ରମ ର ଉଦେଶ୍ୟ ସମ୍ପର୍କରେ କହିଥିଲେ। ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ ଅମୃତ କୁମାର ରାଉଳ ମନରେଗା ଯୋଜନା ର କାର୍ଯ୍ୟ କାରିତା ସମ୍ପର୍କରେ କହିବା ସହିତ , ଏହି ଯୋଜନା ରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ରଖିବା ପାଇଁ ସାମାଜିକ ସମୀକ୍ଷା




ଓ ଜନ ଶୁଣାଣୀ ର ଆବଶ୍ୟକତା ଥିବା କହିଥିଲେ। ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲଗ୍ନଜିତ ରାଉତ ନିଜ ବକ୍ତବ୍ୟରେ , ବୃକ୍ଷ ରୋପଣ ଠାରୁ ଆରମ୍ଭ କରି ରାସ୍ତା, ପୋଖରୀ, ଗୁହାଳ, ମୋ ବଗିଚା, କେନାଲ, ଡ୍ରେନ, ଖେଳ ପଡିଆ ଆଦି କାମ ଦ୍ୱାରା ପଞ୍ଚାୟତ ର ବିକାଶ କରିହେବ ବୋଲି କହିଥିଲେ। ଏବଂ ଅଧିକ ରୁ ଅଧିକ ପରିବାର କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଗରିବ ଲୋକଙ୍କ ଜୀବନ ଜୀବିକା ଏହି ଯୋଜନା ମାଧ୍ୟମରେ ସୁଦୃଢ଼ କରିବା ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଲଗ୍ନାଜିତ ରାଉତ ଗୁରୁତ୍ୱାରୋପ କରିଥିଲେ। ଏପିଓ ଅମରେନ୍ଦ୍ର ସାହୁ ମନରେଗା ଯୋଜନାରେ ଚଳିତ ବର୍ଷ ର ରିପୋର୍ଟ ଉପସ୍ଥାପନା କରିଥିଲେ। ଆର୍ଥିକ ବର୍ଷ ୨୦୨୪-୨୫ ରେ ବର୍ତ୍ତମାନ ସୁଦ୍ଧା ନୂଆଗାଁ ବ୍ଲକ୍ ରେ ୨୦୧୧୪ ପରିବାର MGNREGS ଯୋଜନା ଅଧୀନରେ ପଞ୍ଜୀକୃତ ଥିବା ଏପିଓ ଶ୍ରୀ ସାହୁ ସୂଚନା ଦେଇଥିଲେ। ଏହି ସମୟ ମଧ୍ୟରେ ୬୩୧୭ ପରିବାର କାର୍ଯ୍ୟ ପାଇଁ ଆବେଦନ କରିଥିଲେ ଏବଂ ସମସ୍ତଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ୧୯୨୯ ଗୋଟି କାର୍ଯ୍ୟ ଆରମ୍ଭ କରା ଯାଇଥିଲା, ନୂଆ ପୁରୁଣା ମିଶାଇ ୧୨୧୧ ଗୋଟି କାର୍ଯ୍ୟ ସମ୍ପୂର୍ଣ କରା ଯାଇଥିଲା। ୬୨ ଟି ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏବଂ ୨୩୭୧୦୩ ଗୋଟି ଶ୍ରମ ଦିବସ ସୃଷ୍ଟି ହୋଇ ଥିବା ଓ ସବୁ ବିଭାଗ ମିଶାଇ ୯ କୋଟି ୧୫ ଲକ୍ଷ ୮୧ ହଜାର ଟଙ୍କା ଗଏଘଜରଏଝ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଥିବା ଏପିଓ ଶ୍ରୀ ସାହୁ ସୂଚନା ଦେଇଥିଲେ। ବ୍ଲକ୍ ସାମାଜିକ ସମୀକ୍ଷକ ସ୍ୱର୍ଣଲତା ଦଳ ବେହେରା ପଞ୍ଚାୟତ ସ୍ତରରୁ ଆସିଥିବା ସାମାଜିକ ସମୀକ୍ଷା ର ରିପୋର୍ଟ ପାଠ କରିଥିଲେ। ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ବେଳେ ଯାହା ଉପରେ ଯାହା ଫାଇନ ବା recovery report ଆସିଛି ସମସ୍ତେ ଠିକ୍ ସମୟରେ ସରକାର ଙ୍କ ଠାରେ ଦାଖଲ କରି ଅଡିଟ Compliance କରିଦେବା ପାଇଁ ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଥର ସମୀକ୍ଷା ରିପୋର୍ଟ ରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ରେ ଯାହା ସବୁ ତ୍ରୁଟି ଦୃଷ୍ଟି ଗୋଚର ହୋଇଛି, ଆସନ୍ତା ସାତ ଦିନ ମଧ୍ୟରେ ATR ଦାଖଲ କରିବା ପାଇଁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜଙ୍ଗଲ ବିଭାଗ ସାମାଜିକ ସମୀକ୍ଷା କାର୍ଯ୍ୟରେ ଆଦୌ ସହଯୋଗ କରୁ ନଥିବା ଏବଂ Audit compliance କରୁ ନଥିବା ଏବଂ ଆଜିର ବୈଠକ ରେ ଜଙ୍ଗଲ ବିଭାଗ ର କୌଣସି ଅଧିକାରୀ ଉପସ୍ଥିତ ନଥିବା ରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରାଉତ ଅସନ୍ତୋଷ ପ୍ରକାଶ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟ ସ୍ଥଳ ରେ ସଠିକ୍ ଭାବେ ସୂଚନା ଫଳକ ନିର୍ମାଣ କରୁ ନାହିଁ ବୋଲି ସମୀକ୍ଷା ରିପୋର୍ଟ ରେ ପ୍ରକାଶ ପାଇଥିଲା। ଏଥି ପାଇଁ ସଂପୃକ୍ତ ବିଭାଗ କୁ ତାଗିଦ୍ କରା ଯାଇଥିଲା। ସାମାଜିକ ସମୀକ୍ଷା ରିପୋର୍ଟ କୁ ଗୁରୁତ୍ୱ କୁ ନେଇ MGNREGS ଓ 15th CFC ଯୋଜନା ରେ ବାହାରୁଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ଦିଗରେ ସମସ୍ତେ ଯତ୍ନବାନ ହେବା ପାଇଁ ବ୍ଲକ୍ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। MGNREGS ଯୋଜନା ମାଧ୍ୟମରେ ଗରିବ ଲୋକଙ୍କ ପାଇଁ କାମ କରି ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ଗ୍ରାମାଞ୍ଚଳ ର ବିକାଶ କରିବା ଦିଗରେ କାମ କରିବା ପାଇଁ କନ୍ଧମାଳ ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଭୀମସେନ ସେଠୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। APO ଅମରେନ୍ଦ୍ର ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଂଚ , ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଇଓରଙ୍ଗ, ଗ୍ରାମ ରୋଜଗାର ସେବକ ମାନେ, ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ , ମୃତ୍ତିକା ସଂରକ୍ଷଣ ବିଭାଗ,ବ୍ଲକ୍ ସାମାଜିକ ସମୀକ୍ଷକ ଓ ସମସ୍ତ ଠଜଚ ମାନେ ଯୋଗ ଦେଇଥିଲେ। ଏସିପି ସୁମନ୍ତ ପରିଡ଼ା, ନରେଗା ସହାୟକ ଆଶୁତୋଷ ମିଶ୍ର , BRC କାହ୍ନୁ ଚରଣ ବେହେରା, ସନ୍ତୋଷ ପ୍ରଧାନ, ଜେଇ ନେତ୍ର ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଙ୍ଗାଧର ସାରସ୍ୱତ ସମିତିର ବିଶ୍ୱ ମାତୃଭାଷା ଦିବସ

**ସିନାପାଲି,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲିର ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳନ କରାଯାଇଛି । ଏନେଇ ସ୍ଥାନୀୟ ହାଇସ୍କୁଲର ଏନସିସ କକ୍ଷରେ ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ସଭାରେ ମାତୃଭାଷା ଦିବସର ମହତ୍ୱ ବିଷୟରେ ଆଲୋଚନା କରାଯାଇଥିଲା । ଏହା ପରେ କବି ଲୋଚନ ମେହେରଙ୍କ ସଂଯୋଜନାରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିବା ବେଳେ କବିମାନେ ନିଜନିଜ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ଚିନ୍ତାମଣି ସାହୁ, ମୁରଲିଧର ସା, ପରେଶନାଥ ପାଣିଗ୍ରାହୀ, ଶିବପ୍ରସାଦ ମେହେର, ଧବଚରଣ ପଧାନ, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ନିକୁଞ୍ଜ ବିହାରୀ ସା, ରଶ୍ମିରଞ୍ଜନ ସା, ଦେବବ୍ୟାସ ସାହୁ, ବିଶାଳ ସାଗର, ଈଶ୍ୱର ମହାନନ୍ଦ, ବୌମକେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଚୂଡ଼ାମଣି ମେହେର ଧନ୍ୟବାଦ ଦେଇଥିଲେ ।

# ଲାଞ୍ଜିଗଡ ବ୍ଲକରେ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା

## ପରୀକ୍ଷା ଦେଲେ ୧୦୮୬ ଜଣ ପରୀକ୍ଷାର୍ଥୀ, ଅନୁପସ୍ଥିତ ଥିଲେ ୧୫ ଜଣ

**ଲାଞ୍ଜିଗଡ,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେଲେ ୧୦୮୬ ଜଣ ଛାତ୍ର ଛାତ୍ରୀ । ଏହି ପରୀକ୍ଷା ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହେଇ ମାର୍ଚ୍ଚ ୬ ତାରିଖରେ ସରିବ। କପି ରୋକିବାକୁ ନୂଆ ଫର୍ମୁଲା ସ୍ୱରୂପ, ଏଥର ଦେଢ ଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ଯାଇଥିଲେ ପରୀକ୍ଷାର୍ଥୀ। ଅର୍ଥାତ୍ ସକାଳ ୯ ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ସାଢେ ୭ ଟାରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ଛଡାଯାଇଥିଲା। ଲାଞ୍ଜିଗଡ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୧୩୮ ଜଣ, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ୧୪୯ ଜଣ, ଲାଞ୍ଜିଗଡ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୧୩୦ ଜଣ, ଲାଞ୍ଜିଗଡ ରୋଡ ଉଚ୍ଚ ବିଦ୍ୟାଳୟରେ ୧୫୧ ଜଣ, ଲାଖବାହାଲି ଉଚ୍ଚ ବିଦ୍ୟାଳୟରେ ୬୮ ଜଣ, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୨୯ ଜଣ, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୫୪ ଜଣ ଏବଂ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୮୨ ଜଣ ପରୀକ୍ଷାର୍ଥୀଙ୍କ ସମେତ ମୋଟ ୧୧୦୧ ଜଣ ପରୀକ୍ଷାର୍ଥୀଙ୍କ କେନ୍ଦ୍ର ଚୟନ ହେଇଥିଲା । ଶୁକ୍ରବାର ପ୍ରଥମ ଦିନରେ ଓଡ଼ିଆ ପରୀକ୍ଷା ଥିବା ବେଳେ ୧୧୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୮୬ ଜଣ ପରୀକ୍ଷା ଦେଇଥିଲେ ଏବଂ କୌଣସି କାରଣରୁ ୧୫ ଜଣ ଅନୁପସ୍ଥିତ ଥିଲେ । ଲାଞ୍ଜିଗଡ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରର ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କରାଯାଇ ଥିବା ବେଳେ କଡା ସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ପୋଲିସ ପହରା ଦେଉଥିବା ଲାଞ୍ଜିଗଡ ବ୍ଲକ ଶିକ୍ଷା ବିଭାଗ ଏବିଇଓ ସୁଢ଼ଳଦେବ ମୁଣ୍ଡଙ୍କ ଠାରୁ ସୂଚନା ମିଳିଛି । ଏହି ପରୀକ୍ଷା କେନ୍ଦ୍ର ଗୁଡିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ, ବିଶ୍ୱନାଥପୁର, ବିଜେପୁର ଏବଂ ସିକେରକୁପ ପୋଲିସ ପକ୍ଷରୁ ପୋଲିସ କର୍ମଚାରୀ ଏବଂ ପୋଲିସ ବଳ ମୃତୟନ କରାଯାଇଥିଲା ।

# ମାତୃଭାଷା ଦିବସ ପାଳିତ

**ଦଶପଲ୍ଲା,(ନି.ପ୍ର) :** ଶୁକ୍ରବାର ଦଶପଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନୁଷ୍ଠାନ ମାନଙ୍କରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି, ଏହି ଉପଲକ୍ଷେ ନଛିପୁର ସ୍ଥିତ ସରକାରୀ



ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ପାଳିତ ହୋଇଥିଲା,ଏଥିରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଜିବନୀ ସାମଲ ସଭାପତିତ୍ୱ କରିଥିଲେ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ଗଜେନ୍ଦ୍ର ମାତୃ ଭାଷା ବିଷୟ ରେ ସ୍କୁଲର ଛାତ୍ରୀ ଛାତ୍ର ଉଦବୋଧନ ଦେଇଥିଲେ,ଏଥିରେ ସମସ୍ତ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ,ବହୁ ଛାତ୍ରୀ ଏବଂ ଛାତ୍ର ମାତୃଭାଷା ଉପରେ ମଧ୍ୟ ନିଜର ନିଜ ମତ ପ୍ରକାଶ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲ ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଏବଂ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ କ୍ଷ ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଙ୍କୁ ଧନ୍ୟାଦ ଅର୍ପଣ କରି ସଭାକାର୍ଯ୍ୟ ସମାପନ କରିଥିଲେ,

# କଥା ଦେଇ କଥା ରଖିଲା ଜିଲ୍ଲା ପ୍ରଶାସନ

## ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ହେଲା ବସ ସୁବିଧା




**ମୁନିଗୁଡା,(ନି.ପ୍ର) :** କଥା ଦେଇ କଥା ରଖିବା ସହ ମାଟ୍ରିକ ପରୀକ୍ଷାର୍ଥୀ ମାନଙ୍କ ପାଇଁ ବସ ସୁବିଧା ଯୋଗାଇଦେଲା ଜିଲ୍ଲା ପ୍ରଶାସନ।ଅମ୍ବାଦଳା ସରକାରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର୍ଥୀ ମାନେ ଦୀର୍ଘ ବର୍ଷ ଧରି ବୋର୍ଡ଼ ପରୀକ୍ଷା ଦେବା ପାଇଁ ୫ କିଲୋମିଟର ପରିବର୍ତ୍ତେ ୨୫ କିଲୋମିଟର ବୋର୍ଡ଼ ପରୀକ୍ଷା ଦେବା ପାଇଁ ମୁନିଗୁଡା ଯାଉଥିଲେ। ଛାତ୍ର ଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା। ବାରମ୍ବାର ଉକ୍ତ ବିଷୟକୁ ନେଇ ଜିଲ୍ଲା ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କରାଯିବା ସହ ଛାତ୍ର ଛାତ୍ରୀଙ୍କ ଅସୁବିଧା ବିଷୟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଦୀର୍ଘ ୬୦ ଘଣ୍ଟା ଆମରଣ ଅନଶନରେ ବସିବା ପରେ ଚଳିତ ବର୍ଷ ଦଶମ ଶ୍ରେଣୀର ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ବସ ଯୋଗେ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ସହ ଆସନ୍ତା ବର୍ଷ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ୫ କିଲୋମିଟର ବ୍ୟବଧାନ ଭିତରେ ମାଟ୍ରିକ ବୋର୍ଡ଼ ପରୀକ୍ଷା କେନ୍ଦ୍ର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲା ଜିଲ୍ଲା ପ୍ରଶାସନ।ଆଜି ଜିଲ୍ଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ସହ ପରୀକ୍ଷାର୍ଥୀ ମାନଙ୍କୁ ତିନୋଟି ବସ ଯୋଗେ ମୁନିଗୁଡା ମାଟ୍ରିକ ବୋର୍ଡ଼ କେନ୍ଦ୍ରରେ ପହଞ୍ଚାଇଛି। ତେବେ ଛାତ୍ର ଛାତ୍ରୀଙ୍କ ଅସୁବିଧାକୁ ଲକ୍ଷ୍ୟକରି ଜିଲ୍ଲା ପ୍ରଶାସନ ତାର ପ୍ରତିଶ୍ରୁତି ରକ୍ଷା କରି ଥିବାରୁ ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ , ଅଞ୍ଚଳ ବାସୀ ଓ ଅଭିଭାବକ ମାନେ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି। ପ୍ରକାଶ ଥାଉକି ଚଳିତ ବର୍ଷ ମାଟ୍ରିକ ବୋର୍ଡ଼ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୫୭ ଜଣ ପରୀକ୍ଷାର୍ଥୀ ଆଜି ପରୀକ୍ଷା ଦେଇଥିବା ଜଣାପଡିଛି।

# ନୂଆଗାଁ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ପାଇଁ ପ୍ରସ୍ତୁତି ବୈଠକ ଓ କମିଟି ଚୟନ



**ନୂଆଗାଁ ବ୍ଲକ,(ନି.ପ୍ର) :** ସଭାଗୃହ ରେ ଆଜି ନୂଆଗାଁ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ପାଇଁ ପ୍ରସ୍ତୁତି ବୈଠକ ଓ କମିଟି ଚୟନ ନୂଆଗାଁ ବ୍ଲକ ଭାଇସ ଚେୟାରମେନ ପର୍ଶୁରାମ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ସୁଚନା ମୁତାବକ ନୂଆଗାଁ ବ୍ଲକ ସଭା ଗୃହରେ ନୂଆଗାଁ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଣ୍ଡଳ ଉର୍ଣୟନ ଅଧିକାରୀ ଅବ୍ଗୁତ କୁମାର ରାଉଳ ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କଲେଜ୍ ସମ୍ମୁଖ ପଡ଼ିଆରେ ମାର୍ଚ ମାସର (୬/ ତାରିଖ ଠାରୁ ୮) ତାରିଖ ପର୍ଯ୍ୟନ୍ତ ବହୁ ଆଡ଼ମ୍ବରରେ ନୂଆଁ ରୁପରେ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ପାଇଁ କମିଟି ପୁରା ଦମ୍ ଲଗାଇ ପ୍ରସ୍ତୁତି ଚାଲିଥିବା ବେଳେ ଆଜି ବିଭିନ୍ନ ଦାଇତ୍ୱ ବଣ୍ଟନ କରାଯାଇଛି। ପ୍ରଚାର ପ୍ରସାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୁ କମିଟି ଗୁରୁତ୍ୱ ଦେଉଛନ୍ତି। ଏଥିରେ ବିଡ଼ିଓ ଅବ୍ଗୁତ କୁମାର ରାଉଳ ବ୍ଲକ ଭାଇସ ଚେୟାରମେନ ପର୍ଶୁରାମ ସ୍ୱାଇଁ ସାଂସଦ ଙ୍କ ପ୍ରତିନିଧି ଭିମସେନ ସେଠୀ ଯୁବ ସମାଜ ସେବୀ ତଥା ଦକ୍ଷ୍ୟ ଆଇନ୍ ଜିବୀ ଶିବରାମ ମହାପାତ୍ର ଙ୍କ ସହିତ ସାଧୁ ଚରଣ ସାହୁ ଉପସ୍ଥିତ ରହିଥିଲେ। ଓ ଦୁଇ ସହରୁ ଉର୍ଦ୍ଧ୍ୱ କମିଟି ମେମ୍ବର ବୁଦ୍ଧିଜୀବୀ, ସମାଜ ସେବୀ ଉପସ୍ଥିତ ରହିଥିଲେ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




**କୋଇଡ଼ା,(ନି.ପ୍ର) :** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଟେନ୍ସା ଖଣି ଅଞ୍ଚଳରେ ଏକ ଦୁଇ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲଭିପିଇଆଇ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନର ଦୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ଏହି ପରୀକ୍ଷଣ ଶିବିରକୁ ଟେନ୍ସା ସରପଞ୍ଚ ଅନୀତା ପୁର୍ତ୍ତି ଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଟେନସା ମାଇନ୍ସ ମ୍ୟାନେଜର ଶ୍ରୀ ଅଭିମନ୍ୟୁ ସାମଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରର ପ୍ରଥମ ଦିନରେ ୧୬୦ଜଣ ସ୍ଥାନୀୟ ଗ୍ରାମବାସୀ, ମାଇନ୍ସରେ କାର୍ଯ୍ୟରତ କର୍ମଚାରୀ ଓ ଟ୍ରକ୍ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ୧୯୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୯୯ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୩୧ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କ ଅସ୍ତ୍ରୋପଚାର କରାଯିବ। ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ବିକାଶକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଜିନ୍ଦଲ ଫାଉଣ୍ଡେସନ ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିଆସୁଛି। ସ୍ଥାନୀୟ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି।

# ଆରମ୍ଭ ହେଲା ମ୍ୟାଟ୍ରିକ ପରୀକ୍ଷା,୪୭ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଶେରଗଡ,(ନି.ପ୍ର) :** ଆରମ୍ଭ ହୋଇଛି ଚଳିତ ବର୍ଷର ମ୍ୟାଟ୍ରିକ ପରୀକ୍ଷା। ବ୍ଲକ ର ୮ ଟି କେନ୍ଦ୍ର ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। । ମୋଟ ଛାତ୍ରଛାତ୍ରୀ ଙ୍କ ସଂଖ୍ୟା ୧୬୩୪ ମଧ୍ୟରୁ ଆଜି ପ୍ରଥମ ଦିନରେ ୪୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ଚଳିତ ବର୍ଷ ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ କୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଆଜି ସକାଳୁ ସମସ୍ତ କେନ୍ଦ୍ର ରେ ପ୍ରଶ୍ନ ପତ୍ର ପହଞ୍ଚି ଥିଲା। ପରୀକ୍ଷା ଦେବାକୁ



ଥିବା ମୋଟ ୧୬୩୪ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୭୬ ମଧ୍ୟରୁ ୦୯,ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୩୬ ମଧ୍ୟରୁ ୦୭,କରଡାକଣା ଉଚ୍ଚ ବିଦ୍ୟାଳୟ ରେ ୨୩୭ ମଧ୍ୟରୁ ୦୬,ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ୨୪୧ ମଧ୍ୟରୁ ୧୫,ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ୧୫୬ ମଧ୍ୟରୁ ୦୩,ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ରେ ୧୬୧ ମଧ୍ୟରୁ ୦୩,ପିତଳ ବାଳକ ଉଚ୍ଚ ବିଦ୍ୟାଳୟରେ ୧୭୦ ମଧ୍ୟରୁ ୦୪ ଅନୁପସ୍ଥିତ ଥିବା ବେଳେ ଏବଂ କୁରୁଳା ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି। ଶେରଗଡ ବ୍ଲକରେ ମୋଟ ୧୬୩୪ ଛାତ୍ରଛାତ୍ରୀ ମଧ୍ୟରୁ ୪୭ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନର ପରୀକ୍ଷାରେ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳା ର ସହିତ ସମାପନ ହୋଇଥିବା ଜଣାପଡିଛି।

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଶରଧାପୁର ଖୋର୍ଦ୍ଧା ଫୁଟବଲ ଟିମ୍ ଫାଇନାଲରେ



**ଭାପୁର,(ନି.ପ୍ର) :** ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆଁ ଗ୍ରାମସ୍ଥିତ ଖେଳ ପଡିଆରେ ୟୁଥ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ପାଇକ ତିଗିରିଆ ଭୁବନେଶ୍ୱର ଓ ଶରଧାପୁର ଖୋର୍ଦ୍ଧା ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ପାଇକ ତିଗିରିଆ ଦଳ ବିପକ୍ଷ ଶରଧାପୁର ଦଳ କୁ ୧ଟି ଗୋଲ ଦେଇ ୧-୦ ଗୋଲରେ ଆଗୁଆ ରହିଥିଲା। ମାତ୍ର , ଖେଳର ଦ୍ୱିତୀୟାର୍ଦ୍ଧରେ ଶରଧାପୁର ଦଳ ବିପକ୍ଷ ପାଇକ ତିଗିରିଆ ଦଳ କୁ ୧ଟି ଗୋଲ ଦେଇ ମ୍ୟାଚକୁ ୧-୧ ଗୋଲ ରେ ବରାବର ରଖିଥିଲା। ଫଳରେ ଟ୍ରାଏ ବେକର ର ସହାୟତା ନିଆଯାଇଥିଲା। ଟ୍ରାଏ ବେକର ରେ ମଧ୍ୟ ଉଭୟ ଦଳ ୩-୩ ଗୋଲରେ ମ୍ୟାଚ କୁ ବରାବର ରଖିବାରେ ସକ୍ଷମ ହୋଇଥିଲେ। ପୁନଶ୍ଚ, ସଡନ୍ ଡେଥ୍ ଖେଳର ସହାୟତା ନିଆ ଯାଇଥିଲା। ଏଥିରେ ଶରଧାପୁର ଖୋର୍ଦ୍ଧା ଫୁଟବଲ ଟିମ୍ ୧-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରୀ ଆଶିଷ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବାପି ମହାନ୍ତି ଓ ସୁବାଷ ଚନ୍ଦ୍ର ବେହେରା ଲାଇନରେ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ଦିବାନୀ ଖଟୁଆ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୁରେନ୍ଦ୍ର କୁମାର ନନ୍ଦ ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପଠାଣି ସାମନ୍ତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ବଳରାମ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କେନ୍ଦୁପଲ୍ଲି ପଞ୍ଚାୟତର ସରପଞ୍ଚ ତାରେଶ୍ୱର ମାଝୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଯଦୁମଣି ଫୁଟବଲ ଟିମ୍ ଇଟମାଟି ଓ କେରଙ୍ଗ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୁଚନା ଦିଆଯାଇଛି। ଆଜିର ଏହି ପ୍ରଥମ ସେମି ଫାଇନାଲ ମ୍ୟାଚ ରେ ହାଜର ହଜାର ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ।

# Ranji Trophy
## ଫାଇନାଲରେ ବିଦର୍ଭ-କେରଳ

**ଅହମ୍ମଦାବାଦ,୨୧।୨ :** ଚଳିତ Ranji Trophyରେ ଶୁକ୍ରବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ବିଦର୍ଭ ଓ କେରଳ ପରସ୍ପରକୁ ଭେଟିବେ। ଗତ ଥରର ଫାଇନାଲିଷ୍ଟ ବିଦର୍ଭ ୮୦ ରନ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ପରାସ୍ତ କରିଥିବା ବେଳେ କେରଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଗୁଜରାଟକୁ ପରାସ୍ତ କରି ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅହମ୍ମଦାବାଦରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଇନିଂସରେ କେରଳ ୪୫୭ ରନ୍ କରିଥିଲା। ଜବାବରେ ଗୁଜରାଟ ମ୍ୟାଚର ଅନ୍ତିମ ଦିନ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୨୯/୭ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୩ ଉଇକେଟରେ ୨୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ୨ ରନର ଅଗ୍ରଣୀ ଯୋଗୁ କେରଳ ରଣଜୀ ଟ୍ରଫିରେ ପଦାର୍ପଣ କରିବାର ୬୮ବର୍ଷ ପରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। କେରଳ ତା'ର ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୧୪ ରନ କରିଥିଲା। ନାଗପୁରରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚର ପ୍ରଥମ ଇନିଂସରେ ବିଦର୍ଭ ୩୮୩ ରନ୍ କରିଥିବା ବେଳେ ମୁମ୍ବାଇ ୨୭୦ ରନ୍ କରିଥିଲା। ୧୧୩ ରନ୍‌ରେ ଆଗୁଆ ରହିଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨୯୨ ରନ୍ କରିଥିଲା। ଫଳରେ ମୁମ୍ବାଇ ଆଗରେ ୪୦୬ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ମୁମ୍ବାଇ ମ୍ୟାଚର ଅନ୍ତିମ ଦିନ ଅସମାପ୍ତ ଦ୍ୱିତୀୟ ସ୍କୋର ୮୩/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ମୁମ୍ବାଇ ତା'ର ବଳକା ୭ ଉଇକେଟରେ ୨୪୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୬୬, ସାମ୍ସ ମୁଲାନି ୪୬ ଓ ଆକାଶ ଆନନ୍ଦ ୩୯ ରନ୍ କରିଥିଲେ।

# ସାୟାଡ ସାଲାର ବାଲେଶାହଙ୍କ ଉର୍ସ ପର୍ବ ପାଳିତ



**ନନ୍ଦପୁର,(ନି.ପ୍ର) :** ବ୍ଲକ ସ୍ଥିତ ବାବା ସାୟାଡ ସାଲାର୍ ବାଲେଶାହା ଙ୍କ ଉର୍ଷ୍ ଆଜି ମହା ଆଡ଼ମ୍ବର ରେ ପାଳିତ ହୋଇଛି। ଏହି ଐତିହାସିକ ଦାର୍ଗା ହା ରେ ଆଜି ବିଭିନ୍ନ ରାଜ୍ୟ ରୁ ଶ୍ରଦ୍ଧାଳୁ ମାନେ ପହଞ୍ଚି ଯାଇଛନ୍ତି। ହଜାର ହଜାର ସଂଖ୍ୟାରେ ରେ ଭକ୍ତଙ୍କ ଜନ ସମାଗମ ହୋଇଛି। ଆଜି ସକାଳୁ ବାବା ଙ୍କ ପୀଠ ର ସ୍ନାନ ପରେ ଏଠାରେ ପ୍ରାର୍ଥନା ଆରମ୍ଭ ହୋଇ ଯାଇଛି। ଆଲୋକ ମାଳା ଓ ତୋରଣ ରେ ଦାର୍ଗାହା ଓ ଦାର୍ଗାହାପରିସର ସୁସଜ୍ଜିତ କରଯାଇଛି। ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଆଖ ପାଖ ଅଞ୍ଚଳ ରୁ ମଧ୍ୟ ଶ୍ରଦ୍ଧାଳୁ ପହଂଚିଛନ୍ତି। ଦିନ ର ଭୋଜନ ପାଇଁ ଏଠାରେ ବ୍ୟବସ୍ଥା କରାଯିବା ସହ ରାତିର ଭୋଜନ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇ ଏହାକୁ ବଣ୍ଟନ କରାଯାଇଥିଲା। ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ଅତି ଶ୍ରଦ୍ଧାର ସହ ଭୋଜନ କରିଥିଲେ। ସନ୍ଧ୍ୟା ହେବା ମାତ୍ରେ ଏଠାରେ ଭିଡ଼ ଅଧିକା ବଢ଼ି ଯାଇଥିଲା। ଏଠାରେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ୍ ଗୁଡ଼ିକ ଖୋଲା ଯାଇଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀ ମାନେ ଏଠାରେ ମନ ପସନ୍ଦ ର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୀ କରୁଥିବାରୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ରେ ଏହି ପୀଠରେ ସମୂହ ପ୍ରାର୍ଥନା କରାଯାଇଥିଲା। ମନୁଷ୍ୟ ଜାତି ର ସୁଖ ସମୃଦ୍ଧି, ଶାନ୍ତି ମୈତ୍ରୀ ଓ ଭାଇଚାରା ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା। ଏହି ଉର୍ଷ ପର୍ବ ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ସୁରୁଖୁରୁରେ ଓ ଶାନ୍ତି ସହକାରେ ଶେଷ ହୋଇଥିବା ବେଳେ ଏହି ସବୁ ବ୍ୟବସ୍ଥା କୁ ପରିଚାଳନା କରିବା ପାଇଁ ଥୁବା ଓ ପାତ୍ରପଣ୍ଡି ଗାଁ ର ମୁସଲିମ ଭାଇ ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗତ ଏକ ସପ୍ତାହ ଧରି ଏମାନେ ପ୍ରସ୍ତୁତି ଆରମ୍ଭ କରି ଆଜି ଏହି ଉର୍ଷ ପର୍ବ କୁ ସଫଳ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ନନ୍ଦପୁର ପୁଲିସ ପକ୍ଷ ରୁ ସମସ୍ତ ବ୍ୟବସ୍ଥା କରାଯାଇ ଥିଲା। ଗାଡ଼ି ମୋଟର ଚଳା ଚଳ ରେ କୌଣସି ସମସ୍ୟା ନ ହୁଏ ସେଥି ପାଇଁ ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରିଥିଲା।

# ରଣଜି ଟ୍ରଫିର ଧୂଆଁଧାର ବୋଲର୍ ରାଜେଶ ମହାନ୍ତିଙ୍କ ବିବାହ ଉତ୍ସବ ସମ୍ପର୍ଣ୍ଣ



**ନୟାଗଡ,(ନି.ପ୍ର) :** ବ୍ଲକ ତୁଳସୀପୁର ଗ୍ରାମର ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମହାନ୍ତି ଓ ମନୋରମା ମହାନ୍ତିଙ୍କ ଏକମାତ୍ର ପୁତ୍ର କ୍ରିକେଟ୍ ତାରକା ରାଜେଶ ମହାନ୍ତି(ରାଜା)ଙ୍କ ବିବାହ ଉତ୍‌ଛବ ଭୂବନେଶ୍ୱର ୟୁନିଟ୍ ୮,ଓ,ୟୁ,ଟି କଲୋନି ସ୍ଥିତ ଶ୍ରୀମତି ବିଦୁଲତା ଓ ସ୍ୱର୍ଗତ ଲୋକନାଥଙ୍କ କନ୍ୟା ଧରିତ୍ରୀ(ସିଲି)ଙ୍କ ସହିତ ୧୬ ଫେବୃୟାରୀ ରବିବାର ଦିନ ବିବାହ କାର୍ଯ୍ୟ ସଂପର୍ଣ ହୋଇଯାଇଛି ।ଏହି ବିବାହ ଉତ୍‌ଛବରେ କ୍ରିକେଟିୟର,ସେଲିବ୍ରେଟି,ବନ୍ଧୁବାନ୍ଧବ ଓ ସାଙ୍ଗସାଥୀ ସାମିଲ ହୋଇ ଉତ୍ତମ ବ୍ୟବହାରରେ ମନ୍ନାନିତ ହୋଇଥିଲେ ।ଗତକାଲି ବୁଧବାର ଅପରାହ୍ନରେ ନୟାଗଡ ନୂଆବସଷ୍ଟାଣ୍ଡ ସ୍ଥିତ ଇଶ୍ୱର କଲ୍ୟାଣି ମଣ୍ଡପ ପରିସରରେ ପୁଅ ପଖ୍ୟର ଭୋଜିଭାତ ଆସର ଜମିଥିଲା ।ଷ୍ଟାଟର୍ ଓ ଭୋଜି ଭାତର ମିଶ୍ରଣରେ ଏକ ପ୍ରକାର ଖାଦ୍ୟର ବଜାର ପରି ମନେହେଉଥିଲା ।ପରିବାର ସହିତ ଆସିଥିବା ବନ୍ଧୁ ଓ ବାନ୍ଧବୀ ମାନେ ଉଭୟ କପୁଲ୍ ଙ୍କୁ ନିଜର ଉପହାର ପ୍ରଦାନ କରିବାପରେ ବିଭିର୍ନ ଜାଗରେ ସଜାଯାଇଥିବା ସେଲ୍ଫି ପଏଣ୍ଟରେ ନିଜେ ଓ ନିଜର ପରିଜନଙ୍କ ସହିତ ଫଟୋ ଉଠାଉଥିବାର ଦେଖିବାକୁ ମିଳିଥିଲା ।ଖାଦ୍ୟ ପରିବେଶଣ ଅତି ଉଚ୍ଚ ମାନର ହୋଇଥିବାରୁ ଖାଦ୍ୟରେ ଆପ୍ୟାୟିତ ପରିଜନ ମଣ୍ଡଳୀ ଥଣ୍ଡାବାର୍ ଓ ରଜପାନ ଖାଇବାକୁ ଲମ୍ୱା ଲାଇନ୍ ମାନ ଲଗାଇଥିଲେ ।ରାଜେଶ ମହାନ୍ତିଙ୍କ ବାପା କିଶୋର ଚନ୍ଦ୍ର ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି ବନ୍ଧୁ ବାନ୍ଧବ ଓ ପରିଜନ ବ୍ୟକ୍ତି ସମସ୍ତେ ଆଜି ମୋଦୁଆରେ ଉପସ୍ଥିତ ହୋଇଥିବାରୁ ମୁଁ ଓ ମୋ ପରିବାର ସମସ୍ତେ ଖୁସୀବ୍ୟକ୍ତ କରୁଛୁ।

# କାନ୍ଥରୁ ଲିଭିନି ନାଁ, ଲିଭିଗଲା ବୋହୂର ଜୀବନ ଦୀପ



**ଟାଙ୍ଗୀ,(ନି.ପ୍ର) :** ଦେଢ଼ ବର୍ଷ ହେବ ହୋଇଥିଲା ବାହାଘର, ଘରେ ଅଛି ଛୋଟ ପାଞ୍ଚ ମାସର ପୁଅ, ମା ଛେଉଣ୍ଡ ହୋଇଗଲା ପୁଅ, ହଁ ଆଜ୍ଞ ଏମିତି ଘଟଣା ଘଟିଛି କଟକ ଜିଲ୍ଲା ଟାଙ୍ଗୀ ଜରିପଡା ଶାନ୍ତରାପୁରରେ ନବବଧୂର ସନ୍ଦେହ ଜନକ ମୃତୁ ଘଟିଛି, ମୃତ ମହିଳା ଜଣକ ହେଲେ ଗଜେନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ଶୀତୁ ପ୍ରଧାନ, ସିତୁ ଙ୍କ ବାପା ମାଆ ମୂଲ ଲାଗି ଟଙ୍କା ଧାର କରଜ କରି ଝିଅର ବିବାହ କରିଥିଲେ। ବହାଘର ଛଅ ମାସ ପରେ ଘରେ ଆରମ୍ଭ ହୋଇଥିଲା ଝଗଡ଼ା ଶାଶୁ ମଧ ବିଷ ପିଇଥିଲେ, ସବୁ ସମୟରେ ଘରେ ଲାଗେ ଏନେଇ ଗ୍ରାମର ମୂରବୀ କହିଛନ୍ତି, ପରିବାର ଲୋକଙ୍କ ପକ୍ଷରୁ ଆସିଛି ସାଙ୍ଘାତିକ ଅଭିଯୋଗ, ତକିଆ ପକାଇ ମୋ ଝିଅକୁ ମାରିଦେଲେ ଅଭିଯୋଗ କରିଛନ୍ତି ତାଙ୍କ ମାଇଁ,ଝିଅ ଯାଇଥାନ୍ତା ଗାଁ ଙ୍କୁ ପ୍ରତିବର୍ଷ ଗ୍ରାମର ମନ୍ଦିର ରେ କଳସ ବୁଡ଼ାଏ, କିନ୍ତୁ ଏ ବର୍ଷ ବୁଡାଇ ପାରିଲା ନାହିଁ। ଘଟଣା ସ୍ଥଳରେ ଟାଙ୍ଗୀ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବିଶ୍ୱ ମାତୃଭାଷା ଦିବସ ପାଳିତ

**ବଲାଙ୍ଗିର,(ନି.ପ୍ର) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ତାଲିମ ଶିବିର ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ମାତୃଭାଷା ଦିବସ ସାଧନକର୍ମୀ ଜିତେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ




ବରିଷ୍ଠ ଶିକ୍ଷୟତ୍ରୀ ସତ୍ୟଭାମା ସାହୁ, ମୁଖ୍ୟ ବକ୍ତା ଭାବରେ ଧରମ ସିଂ ଧରୁଆ, ସମ୍ମାନିତ ଅତିଥି ଭାବରେ ମକାରୁ ଭୁଏ, ନାରାୟଣ କିଷାନ, ଦିବାକର ମହାପାତ୍ର, ସାଧନକର୍ମୀ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇଥିଲେ । ମାତୃଭାଷା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।ସଭାକୁ ସାଧନକର୍ମୀ ମନୋରଞ୍ଜନ ବାରିକ ସଂଯୋଜନା କରିଥିବା ବେଳେ ଗୋଲାପ ବିଶି ଶପଥ ପାଠ କରାଇ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁନୁ ଶବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସଂସ୍କୃତି ପରିଷଦ, ଗଞ୍ଜାମର ସାଧାରଣ ପରିଷଦ ବୈଠକ



**ଛତ୍ରପୁର, (ନି.ପ୍ର) :** ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ନବଗଠିତ ଜିଲ୍ଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାରଅଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଲୋକକଳା ଗୁଡିକୁ ଦୀର୍ଘଜୀବୀ ରଖିବା ସକାଶେ କଳାକାର ମାନଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ବୃଦ୍ଧି କରାଯାଇଛି । ଜିଲ୍ଲାରେ ରହିଥିବା ଲୋକକଳା, ଲୋକ ସଙ୍ଗୀତ ଓ ଲୋକନୃତ୍ୟ ସମ୍ପର୍କିତ କର୍ମଶାଳା ଗୁଡିକୁ ଭଞ୍ଜନଗର, ଛତ୍ରପୁର ଏବଂ ବ୍ରହ୍ମପୁର ଉପଖଣ୍ଡରେ ଆୟୋଜନ କରିବା ସକାଶେ ନିଷ୍ପତ୍ତି ଗ୍ରହଣ କରାଗଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରଖଳଆର ପ୍ରତିଯୋଗିତା ଏବଂ କର୍ମଶାଳା ଆୟୋଜନ କରି ଚିତ୍ରକଳାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ବୈଠକରେ ସ୍ଥିର ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ଲୋକ ନୃତ୍ୟ, ଲୋକସଙ୍ଗୀତ ଆଦି କ୍ଷେତ୍ରରେ ଯୁବପୀଢୀଙ୍କୁ ସାମିଲ କରି ଲୋକକଳାର ବିକାଶ ଓ ଦୀର୍ଘଜୀବୀ କରି ରଖିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ସଭ୍ୟ/ସଭ୍ୟାଗଣ ମତ ନେଇଥିଲେ । ଜିଲ୍ଲା ସ୍ତରୀୟ ନାଟକ ମହୋତ୍ସବ, ଲୋକକଳା କର୍ମଶାଳା, ଏକକ ଅଭିନୟ, ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରକଳା, ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରିବା ସକାଶେ ସ୍ଥିର କରାଗଲା । ଜିଲ୍ଲାର ଲୋକକଳା, ଲୋକ ସଂସ୍କୃତି ଏବଂ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ପର୍କିତ ପୁସ୍ତକ ପ୍ରକାଶନ ନିମନ୍ତେ ସ୍ଥିର କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ଲୋକକଳା, ସଂସ୍କୃତି, ଭାଷା ସାହିତ୍ୟ ସମ୍ପର୍କିତ ଏକ ୱେବ ପୋର୍ଟାଲ ପ୍ରସ୍ତୁତ କରି ସମସ୍ତ ସୂଚନା ସେଥିରେ ଯେଭଳି ସର୍ବ ସାଧାରଣଙ୍କ ନିମନ୍ତେ ଉପଲବ୍ଧ ହେବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା । ଜିଲ୍ଲା ସଂସ୍କୃତି ବିଭାଗ ଆନକୂଲ୍ୟରେ ରହିଥିବା ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଏବଂ ବ୍ରହ୍ମପୁର ଠାରେ ରହିଥିବା ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ମରାମତି, ଆବଶ୍ୟକୀୟ ଗୃହ ନିର୍ମାଣ ଏବଂ ଏହାର ରକ୍ଷଣା ବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ନିଷ୍ପତ୍ତି ହୋଇଥିଲା । ଜିଲ୍ଲାର ଐତିହ୍ୟ କଳା, ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ବ୍ରହ୍ମପୁର ଠାରେ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ, ଚିତ୍ରକଳା କାରୁକାର୍ଯ୍ୟ, ଦୃଶ୍ୟ ଶ୍ରାବ୍ୟ ପ୍ରଦର୍ଶନୀ, ପ୍ରଶିକ୍ଷଣ କେନ୍ଦ୍ର, ହସ୍ତଶିଳ୍ପ, କଳା ଓ ଚାରୁକଳା ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଇତ୍ୟାଦି ନିର୍ମାଣ ସକାଶେ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ଡିପିଆର୍ ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିଲା । ବୈଠକରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସଂପାଦକ ରବି ନାରାୟଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଜିଲ୍ଲା ସଂସ୍କୃତି ପରିଷଦ ତଥା କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପ୍ରଧାନ, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ଉଦଘୋଷକ ଅମିତା ଦାଶ, ଜାତୀୟ ଯୁବ ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ତଥା କଳା ସଂଗଠକ ଅରୁଣ କୁମାର ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଏବଂ ଲୋକକଳା ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ଭଗବାନ ସାହୁଙ୍କ ନାତି ବିଘ୍ନେଶ୍ୱର ସାହୁ, ଭାରତ ଲୀଳା ବରିଷ୍ଠ ଗୁରୁ ରଙ୍କନିଧି ବେହେରା, ଖଲ୍ଲିକୋଟ ଚାରୁ କାରୁକଳା ମହା ବିଦ୍ୟାଳୟଙ୍କ ଅଧକ୍ଷ ଙ୍କ ପ୍ରତିନିଧି ବିପିନ ଚନ୍ଦ୍ର ସେଠୀ ଏବଂ ସଂସ୍କୃତି ବିଭାଗୀୟ କର୍ମଚାରୀ କେଶବ ବେହେରା ଓ ଚନ୍ଦର ଶେଖର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଦୁଇ ବାଇକ ମୁହା ମୁହି ଧକ୍କା, ଦୁଇ ଜଣ ଗୁରୁତର



**ନନ୍ଦପୁର , (ନି.ପ୍ର) :** ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲାରସିଂ ପଞ୍ଚାୟତ ମହକୁମା ନିକଟ ଦଳେଇପୁଟ ଛକ ରେ ଆଜି ରାତି ରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବା ଫଳ ରେ ଦୁଇ ବାଇକ ର ତିନି ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି। ଶୁଚନା ଅନୁଯାୟୀ ପରଜା ବଡପଡା ନିକଟ ଟାଟିପୁଟ ଗ୍ରାମ ର ଦେବନ୍ଦ୍ର ବଡନାୟକ ଓ ରଶ୍ମିତା ଖିଲ ନିଜ ବାଇକ ଯୋଗେ ନନ୍ଦପୁର ଆସିଥିଲେ କାମ ସାରି ନିଜ ଗାଁ କୁ ଫେରୁଥିବା ବେଳେ ଦଳେଇପୁଟ ଗ୍ରାମର ଶ୍ରି ଖଡା,ୟସ ୧୯ ପାଡୁଆ ଅଭିମୁଖେ ଆସୁଥିବା ବେଳେ ଦଳେଇପୁଟ ଛକ ନିକଟରେ ଦୁଇ ବାଇକ ମୁହା ମୁହି ଧକ୍କା ହେଇଥିଲା । ରାସ୍ତା ରେ ଦୁର୍ଘଟଣା ହୋଇଥିବା କିଛି ଲୋକେ ଦେଖି ୧୦୮ ଆମ୍ବୁଲାନ୍ସ କୁ ଫୋନ କରିଥିଲେ ସଙ୍ଗେ ସଙ୍ଗେ ଗୁରୁତର ତିନି ଜଣ କୁ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇ ଥିଲା ଦୁଇ ଜଣଙ୍କ ସ୍ୟାସ୍ଥ ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କୁ ସ୍ଥାନାନ୍ତର କରାଯାଇଛି।

# ମାଟ୍ରିକ୍ ପରୀକ୍ଷାରେ ୨୯ ଅନୁପସ୍ଥିତ



**ଭାପୁର,(ନି.ପ୍ର) :** ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ (ମାଟ୍ରିକ) ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଭାପୁର ବ୍ଲକର ୮ ଗୋଟି କେନ୍ଦ୍ରରେ ପ୍ରଥମ ଭାଷା ସାହିତ୍ୟ ବିଷୟରେ ୧୦୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ କାରଣରୁ ୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ସାମନ୍ତ ଚନ୍ଦ୍ର ଶେଖର ବିଦ୍ୟାଳୟ କରବର ଓ ତନ୍ତୁବାୟ ସମବାୟ ସହଯୋଗ ବିଦ୍ୟାଳୟ ବାଇଗୁଣିଆ କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିବାବେଳେ ଫତେଗଡ ଉଚ୍ଚ ବିଦ୍ୟାଳୟ, ଗୋଲାପୋଖରୀ ଉଚ୍ଚ ବିଦ୍ୟାଳୟ ଓ ଆଞ୍ଚଳିକ ଚାରୁଦେବି ଉଚ୍ଚ ବିଦ୍ୟାଳୟ ଜାମୁସାହି କେନ୍ଦ୍ରରୁ ୧ ଜଣ ଲେଖାଏଁ ପରିକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ ପଦ୍ମାବତୀ କେନ୍ଦ୍ରରୁ ୧୫ ଜଣ , ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଭାପୁର କେନ୍ଦ୍ରରୁ ୬ ଜଣ, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରୁ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ଫତେଗଡ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନ ୬ଟି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଖଣ୍ଡପଡ଼ା ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନ ଭାପୁର ବ୍ଲକର ୨ଟି ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଚାଲିଥିବା ଭାପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋନାଲିସା ରଥଙ୍କ ଠାରୁ ପ୍ରକାଶ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜଣେ ଲେଖାଏଁ ଶିକ୍ଷକ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସମସ୍ତ ପରୀକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ଅଧୀକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକରେ ସଠିକ୍ ଭାବେ ସୁପରିଚାଳନା ନିମନ୍ତେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଅର୍ଜୁନ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ, ଗୋଷ୍ଠୀ ଶିକ୍ଷା ସଂଯୋଜକ ପ୍ରଭାକର ସାମନ୍ତରାୟ ପ୍ରମୁଖ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫତେଗଡ ଥାନା ପକ୍ଷରୁ ସମସ୍ତ କେନ୍ଦ୍ର ମାନଙ୍କରେ ପୋଲିସ ମୁତୟନ କରାଯାଇଥିଲା ।

# ପଟିଆ ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ତୃତୀୟ ଦିବସରେ କଳସ ଯାତ୍ରା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେଲେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**ଭୁବନେଶ୍ୱର,(ନି.ପ୍ର) :** ପଟିଆ ଶିରିଡ଼ି ସାଇ ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଗତ ୧୭ତାରିଖରୁ ଆରମ୍ଭ ହୋଇଛି। ଏହି ଉତ୍ସବ ପାଞ୍ଚ ଦିନ ଧରି ଚାଲିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଆୟୋଜିତ ହେଉଛି। ଗତ ତିନି ଦିନ ଧରି ଡ. ଗୁରୁ ପ୍ରସାଦ ମହାପାତ୍ରଙ୍କ ପ୍ରବଚନରେ ହଜାର ହଜାର ଶ୍ରୋତା ଓ ଶ୍ରଦ୍ଧାଳୁ ବିମୁଗ୍ଧ ହେଉଛନ୍ତି। ତୃତୀୟ ଦିବସ ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଦୁଇ ୫୦୦ରୁ ଉର୍ଦ୍ଧ୍ୱ ମହିଳା ଏହି ଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଛାତ୍ରାଛାତ୍ରୀମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଶାନ୍ତି ବିହାର ୟୁ.ପି ସ୍କୁଲ, ପଟିଆ ସରସ୍ୱତୀ ଶିଶୁ ମନ୍ଦିର, ପଠାଣି ସାମନ୍ତ ଶିକ୍ଷା କେନ୍ଦ୍ର, ନୃତ୍ୟଭୂମି ସାଂସ୍କୃତିକ ଟ୍ରଷ୍ଟ ଓ ଜୟଦେବ ଶିକ୍ଷା କେନ୍ଦ୍ରରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥରେ ସାମିଲ ହୋଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆୟୋଜକଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେମିତି ପ୍ରତ୍ୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ସମ୍ବଦ୍ଧିତ ହୋଇଥିଲେ। ସାଇ ଶକ୍ତି ଟ୍ରଷ୍ଟର ମୁଖ୍ୟ ମିହିର କୁମାର ରାଉତ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ଟ୍ରଷ୍ଟର ସମସ୍ତ ସଦସ୍ୟ ଏବଂ ପଟିଆ ଗ୍ରାମବାସୀ ବୃନ୍ଦ ସମସ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି। 'ପ୍ରତି ବର୍ଷ ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ଆମେ ଆୟୋଜନ କରିଥାଏ। ଚଳିତ ବର୍ଷ ମଧ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛୁ । ପ୍ରତିଦିନ ସନ୍ଧ୍ୟାରେ ଆମର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର